# ଲୋପ ପାଇବାକୁ ବସିଲାଣି ଧାନଖଣି ପରମ୍ପରା



**ଶେରଗଡ଼,୩।୧(ସମିସ):** ଆଗରୁ ଧାନକୁ ସାଇତି ରଖିବା ଲାଗି ଗ୍ରାମାଞ୍ଚଳର ଚାଷୀ ପରିବାର ମାଟି ଖୋଳି ଖଣି ପକାଉଥିଲେ। ହେଲେ ଏହି ପରମ୍ପରା ପ୍ରାୟତଃ ଲୋପ ପାଇବାକୁ ଯାଉଛି। ସିମେଣ୍ଟ କଙ୍କ୍ରିଟ ରାସ୍ତା ଏହି ପ୍ରାଚୀନ କୃଷି ପରମ୍ପରାକୁ ଉଜ୍ଜୀବିତ ରଖିବା ଦିଗରେ ପ୍ରତିବନ୍ଧକ ସାଜିଥିବା ଚାଷୀ ମହଲରେ ଆଲୋଚନା ହେଉଛି। ଗତ କିଛି ବର୍ଷ ହେଲା କାଁ ଭାଁ କେତେକ ଗ୍ରାମାଞ୍ଚଳର ଚାଷୀ ପରିବାର ଘର ସମ୍ମୁଖରେ ପ୍ରାଚୀନ ଧାନ ଖଣି ପରମ୍ପରା ଶୋଭା ପାଉଥିବା ଦେଖିବାକୁ ମିଳୁଛି। ପ୍ରତ୍ୟେକ ବର୍ଷ ମାଘ ମାସ ଆସିଲେ ଗ୍ରାମାଞ୍ଚଳର ପରି ଦୃଶ୍ୟ ଅଲଗା ହୋଇ ପଡୁଥିଲା। ଚାଷୀ ସମାଜ ନିଜ କ୍ଷେତରୁ ଧାନକୁ ଅମଳ କରି ଆଣିବା ପରେ ଧାନକୁ ଅଧିକ ସୁରକ୍ଷିତ ତଥା ସାଇତି ରଖିବା ଲାଗି ଖଣି ଖୋଳି ସେଥିରେ ଧାନକୁ ରଖୁଥିଲେ। ଏଥିପାଇଁ ଚାଷୀଙ୍କ ମନରେ ପ୍ରତିଦ୍ୱନ୍ଦିତା ଲାଗି ରହୁଥିବା ଦେଖିବାକୁ ମିଳୁଥିଲା। ଖଣିରେ ଧାନକୁ ସାଇତି ରଖିବା ଗ୍ରାମାଞ୍ଚଳର ଚାଷୀଙ୍କ ଲାଗି ଏକ ସମ୍ମାନର ବିଷୟ ଥିଲା। ଯେଉଁ ଚାଷୀଙ୍କ ଧାନ ଖଣି ନାହିଁ ସେହି ଚାଷୀ ଚାଷୀ ଭାବେ ଗଣତି ହେଉନଥିଲା। ଗ୍ରାମାଞ୍ଚଳର ଚାଷୀ ମାନେ ଖଣି, ଡୋଲି ପୁଡୁଗରେ ଧାନକୁ ସାଇତି ରଖୁଥିଲେ। ଧାନକୁ ସାଇତି ରଖିବା ପାଇଁ ଏହି ତିନି ପଦ୍ଧତି ମଧ୍ୟରୁ ଧାନ ଖଣି ଚାଷୀଙ୍କ ଲାଗି ନିରାପଦ ଥିଲା। ଧାନ ଅମଳ ଶେଷ ହେଉ ହେଉ ଖଣି ଖୋଳି ଆରମ୍ଭ ହେଉଥିଲା, ପ୍ରଥମେ ପାଳର ପଟୁକୁ ଖଣି ତଳ ଭାଗରେ ପକାଯାଇ ତା ଉପରେ ଛଣ ପକାଇ ଦିଆଯାଉଥିଲା। ଖଣି ତଳ ଅଂଶର ଆର୍ଦ୍ରତା ଓ ପାର୍ଶ୍ୱ ମାଟିର ଆର୍ଦ୍ରତା ଯେପରି ଧାନକୁ ସ୍ପର୍ଶ ନକରିବ ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉଥିଲା। ଏହା ପରେ ଧାନ ପକାଯାଇ ପାଳ ଘୋଡେଇ ମାଟି ପକାଯାଉଥିଲା। ଉପର ମାଟିକୁ ଅଧିକ ମଜଭୁତ କରିବା ପାଇଁ ବିଶେଷ ଗୁରୁତ୍ୱ ଦିଆଯାଉଥିଲା। ଖଣିକୁ ମାଟିର ଲେପ ଦିଆଯାଇ କଞ୍ଚା ଗୋବରରେ ଲିପାପୋଛା କରାଯାଉଥିଲା। ଏହି ଧାନ ଖଣି ପରମ୍ପରା ସହ ସାମାଜିକ, ସାଂସ୍କୃତିକ କଥା ମଧ୍ୟ ଜଡ଼ିତ ଥିଲା। ଝିଅ କିମ୍ବା ବର ଖୋଜା ବେଳେ ଖଣିର ଉଚ୍ଚତାକୁ ଦେଖି ସମ୍ପୃକ୍ତ ଚାଷୀଙ୍କ ଘରେ ବନ୍ଧୁ ବାନ୍ଧିବା ପାଇଁ ଲୋକ ଆଗ୍ରହ ପ୍ରକାଶ କରୁଥିଲେ। ଧାନ ଖଣିକୁ ଚାଷୀ ନିଜର ଦେବତା ଭଳି ପୂଜା କରୁଥିଲେ। ପର୍ବପର୍ବାଣିରେ ଧାନ ଖଣିକୁ ଲିପାପୋଛା କରି ପୂଜା କରୁଥିବା ଦେଖିବାକୁ ମିଳୁଥିଲା। ଏବେ କିନ୍ତୁ ଗ୍ରାମ୍ୟ ରାସ୍ତା କଙ୍କ୍ରିଟ ରାସ୍ତାରେ ରୂପାନ୍ତରିତ ହେଉଥିବା ଯୋଗୁଁ ଗ୍ରାମାଞ୍ଚଳର ପ୍ରାଚୀନ ଧାନ ଖଣି ପରମ୍ପରା ଲୋପ ପାଇବାକୁ ବସିଲାଣି। ଏହାଛଡ଼ା ଲୋକେ ବଳକା ଧାନକୁ ବିକ୍ରି କରିବା ପାଇଁ ସରକାରୀ ସୁବିଧା ଉପଲବ୍ଧ ହେଉଥିବାରୁ ଲୋକଙ୍କୁ ଅଧିକ ପରିମାଣର ଧାନ ଆଉ ସଂରକ୍ଷିତ କରି ରଖିବାକୁ ପଡୁ ନଥିବା ଅପରପକ୍ଷେ କୁହାଯାଉଛି।

## ଗଞ୍ଜାମ ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ



**ଗଞ୍ଜାମ,୩।୧(ସମିସ):** ଗଞ୍ଜାମ ତହସିଲ ପକ୍ଷରୁ ତହସିଲ କାର୍ଯ୍ୟାଳୟ ପରିସରରେ ଗ୍ରାମକଣ୍ଟକ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବ୍ରହ୍ମପୁର ଲୋକସଭା ସାଂସଦ ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଉପଜିଲ୍ଲାପାଳ ଦେବଦତ୍ତ ମହନ୍ତ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସନାତନ ବେହେରା, ଏନଏସି ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକି ପ୍ରମୁଖ ଉପସ୍ଥିତ ଥିଲେ। ତହସିଲଦାର କୁଞ୍ଜ ବିହାରୀ ବଡ଼ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଏ ଅବସରରେ ତହସିଲ ଅଧୀନରେ ଥିବା ବିଭିନ୍ନ ଗ୍ରାମର ୩୮୩ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗକୁ ୫-ଟିରେ ସାମିଲ କରି ଏକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଥିବା ବିଧାୟକ ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ। ବର୍ତ୍ତମାନ ସମୟରେ ତହସିଲ ପ୍ରସାଶନ ଗ୍ରାମ କଣ୍ଟକ ପଟା ବଣ୍ଟନ କରୁଥିବା ବେଳେ ସାଂସଦ ଶ୍ରୀ ସାହୁ ଖୁସି ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ହିସାବ ରକ୍ଷକ ନଳିନୀ କାନ୍ତ ନାହାକ, କନିଷ୍ଠ ରାଜସ୍ୱ ନିରୀକ୍ଷକ ଦିନେଶ ପାତ୍ର, ସମିର ପାଢ଼ୀ, ମୁଖ୍ୟ କିରାଣୀ ଗାନ୍ଧୀ ତରେଇ, କାଞ୍ଚନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ।

## ପର୍ଯ୍ୟଟକ କ୍ଷେତ୍ରକୁ ଗଡୁନି ବସ୍, ସାଧାରଣରେ ଅସନ୍ତୋଷ

**ସୋରଡ଼ା,୩।୧(ସମିସ):** ଗଞ୍ଜାମ ଜିଲ୍ଲାର ସୋରଡ଼ା ବ୍ଲକ ଉପାନ୍ତ ଇଲାକା ହୋଇଥିବା ବେଳେ କନ୍ଧମାଳ ଓ ଗଜପତି ଜିଲ୍ଲାର ସନ୍ନିକଟରେ ଅବସ୍ଥିତ। ଏହି ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନ ସ୍ଥଳିକୁ ସିଧାସଳଖ ସଂଯୋଗ ପାଇଁ କୌଣସି ସରକାରୀ ବସର ସୁବିଧା ନାହିଁ। ଫଳରେ ଯାତ୍ରୀମାନେ ବେସରକାରୀ ବସ ସେବା ଉପରେ ନିର୍ଭର କରୁଛନ୍ତି। ଏଥିଯୋଗୁଁ ଲୋକେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। କଟକ ବା ରାଜଧାନୀ ଭୁବନେଶ୍ୱର ପାଇଁ ଦିନରେ ସିଧାସଳଖ କୌଣସି ସରକାରୀ ବସ ସେବା ନଥିବା ବେଳେ ଅଞ୍ଚଳବାସୀଙ୍କ ଅନୁରୋଧକ୍ରମେ ଏଠାକାର ବିଧାୟକଙ୍କ ପ୍ରଚେଷ୍ଟାରେ ଏକ ଓଏସ୍ଆରଟିସି ବ୍ରହ୍ମପୁରଠାରୁ ନୂଆପଡ଼ା ବସଟି କିଛିଦିନ ଚଳାଚଳ ପରେ ଗତ ନଭେମ୍ବରରୁ ଏହା ମଧ୍ୟ ବନ୍ଦ ରହିଥିବା ସୂଚନା ମିଳିଛି। ସେହିପରି ନିକଟସ୍ଥ ଗଜପତି ସୀମାନ୍ତ ବଡ଼ଗଡ଼ରୁ ଦୈନିକ ସନ୍ଧ୍ୟାରେ ପାଞ୍ଚୋଟି ବସ ରାଜଧାନୀ ଅଭିମୁଖେ ଯାତ୍ରା କରୁଥିବା ବେଳେ ଦିନବେଳେ ଯିବାପାଇଁ ହେଲେ ନାକେଦମ ହେବାକୁ ପଡେ ଯାତ୍ରୀଙ୍କୁ। ସୋରଡ଼ାରୁ ମାତ୍ର ୩୬ କିଲୋମିଟର ଦୂର ଏହିଠାରୁ ବସ ଯାତ୍ରା ଆରମ୍ଭ କରାଗଲେ ୪୪ଟି ପଞ୍ଚାୟତବାସୀ ଉପକୃତ ହୋଇପାରନ୍ତେ। ବର୍ତ୍ତମାନ ନୂଆଁ ଜୀବନ ଯାତ୍ରା ପାଇଁ ଲକ୍ଷ୍ମୀ ବସ ସେବା ନିମନ୍ତେ କିଛି ସ୍ଥାନରେ ବସ ରହଣୀ ସ୍ଥଳ ନିର୍ମାଣ ହୋଇଛି। ଏହା ଆଗାମୀ ଦିନରେ ଅଞ୍ଚଳବାସୀଙ୍କ ଦୁଃଖ ଦୂର କରିବ ବୋଲି ଆଶା କରାଯାଇଛି। ତୁରନ୍ତ ସୋରଡ଼ା ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଓ ଗାଁକୁ ସରକାରୀ ବସ ସେବା ପ୍ରଦାନ କଲେ ଅଞ୍ଚଳବାସୀ ବେଶ ଉପକୃତ ହୋଇପାରିବେ ବୋଲି କୁହାଯାଇଛି।

## ନୂଆବର୍ଷରେ ପୋଷ୍ଟର ରାଜନୀତି

**ରମ୍ଭା,୩।୧(ସମିସ):** ଚଳିତ ବର୍ଷରେ ନିର୍ବାଚନ ଋତୁ ଯେତିକି ପାଖେଇକି ଆସୁଛି, ସେତିକି ପରିମାଣରେ ଦଳୀୟ ଶିବିରରେ ଆଶାୟୀଙ୍କ ଲମ୍ବା ଧାଡ଼ି ବୃଦ୍ଧି ପାଉଛି। ସବୁ ଦଳର ଆଶାୟୀମାନଙ୍କ ପତିଆରା ଭିନ୍ନ ଭିନ୍ନ ରହିଥିଲେ ମଧ୍ୟ ନୂଆ ବର୍ଷ ପ୍ରାରମ୍ଭରୁ ସହର ପାର୍ଶ୍ୱ, ଛକ ଜାଗା, ଗଳି କନ୍ଦି ମାନଙ୍କରେ ରଙ୍ଗ ବେରଙ୍ଗର ପୋଷ୍ଟର ଲଢେଇ ଦେଖିବାକୁ ମିଳିଛି। ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ତୃଣମୂଳ ସ୍ତରରେ ନିଜର ପରିଚୟ ସୃଷ୍ଟି କରିବା, ଭୋଟର ଚିହ୍ନିବା ଓ ଟିକଟ୍ ହାତେଇବା ପାଇଁ ଏଭଳି କୌଶଳ ଅବଲମ୍ବନ କରିଥିବ।। ଲକ୍ଷ୍ୟ କରାଯାଇଛି। ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିଜ ନିଜର ନିର୍ବାଚନ ପ୍ରତିଦ୍ୱନ୍ଦିତା ପାଇଁ ଦଳର ଛାମୁଆନେତା ଓ ସମର୍ଥକଙ୍କୁ ଧରି ଭୋଜିଭାତର ଆସର ଜମାଉଛନ୍ତି। କଂଗ୍ରେସ, ବିଜେପି, ବିଜେଡି, କମ୍ୟୁନିଷ୍ଟର ଯେ କୌଣସି ପ୍ରାର୍ଥୀ ହେଉ ନା କାହିଁକି ପୋଷ୍ଟର ଓ ବ୍ୟାନ୍‌ରରେ ସୀମିତ ନ ହୋଇ ଲୋକଙ୍କ ସହିତ ସିଧାସଳଖ ସାମ୍ନାସାମ୍ନି ହେବା ପାଇଁ ସାଧାରଣରେ ଆଲୋଚନା ହେଉଥିବା ଲକ୍ଷ୍ୟ କରାଯାଇଛି।

## ଅମରନାଥ କ୍ରିକେଟ୍ କ୍ଲବ ଟୁର୍ଣ୍ଣାମେଣ୍ଟ

**ଆସିକା, ୩।୧(ସମିସ):** ଆସିକା ତାଲୁକା ସ୍ଥିତ ପଡ଼ିଆରେ ଅମରନାଥ କ୍ରିକେଟ କ୍ଲବ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟିକା ମଞ୍ଜୁଳା ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଆସିକା ବିଡିଓ ଫକୀର ଚରଣ ପରିଡ଼ା, ଗଞ୍ଜାମ ଜୋନ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଅନିମା ପରିଡ଼ା, କ୍ରୀଡାବିତ ତଥା ବିଜେଡି ଜିଲ୍ଲା ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଜିଲ୍ଲା ସମ୍ପାଦକ ଅଭିମନ୍ୟୁ ନାହାକ, ବିଜେଡି କୋଡିନେଟର ସୂର୍ଯ୍ୟକାନ୍ତ ପରିଡ଼ା, ବିଦ୍ୟୁତ ବିଭାଗ ଜେଇ ରାକେଶ ପାତ୍ର ଓ ସ୍ଥାନୀୟ କାଉନସିଲର ସଂଯୁକ୍ତା ଶତପଥୀଙ୍କ ସମେତ ବହୁ ଜନ ପତିନିଧି ଉପସ୍ଥିତ ଥିଲେ। ଉଦଘାଟନ ଦିବସରେ ଆସିକା ପାୱାର ସହ ମୁଜାଗଡ଼ ଟିମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ମୁଜାଗଡ଼ କ୍ରିକେଟ ଟିମ ୧୮ ଓଭରରେ ସମସ୍ତ ୱିକେଟ ହରାଇ ୧୩୧ ରନ କରିଥିବାବେଳେ ଆସିକା ପାୱାର ଟିମ ୧୧ ଓଭରରେ ଦୁଇ ୱିକଟ ହରାଇ ୧୩୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅମ୍ପାୟାର ଥିଲେ ସତେନ୍ଦୁ ହୋତା ଓ ଆଲୋକ ମୁନି। ଦୀର୍ଘ ପନ୍ଦର ବର୍ଷ ଧରି ଏହି ଟୁର୍ଣ୍ଣାମେଣ୍ଟ ଚାଲିଥିବା କହିଛନ୍ତି ସଭାପତି ସୀତାରାମ ହୋତା। ଅମରନାଥ କ୍ରିକେଟ କ୍ଲବ ସଦସ୍ୟ ତ୍ରିଲୋଚନ ପାତ୍ର, ପ୍ରଶାନ୍ତ ଦାସ, କାଳିଆ ବିଶ୍ୱାଳ ଓ ମନୋଜ ପାଢ଼ୀ ସହଯୋଗ କରିଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ



**ବୁଗୁଡା, ୩।୧(ସମିସ):** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବାଲିପଦର ଗ୍ରାମସ୍ଥ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବିଂଶଦିବସୀୟ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ବାଲିପଦର ଡିଗ୍ରୀ କଲେଜ ଅଧ୍ୟକ୍ଷ ବିବେକାନନ୍ଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ, ପ୍ରାକ୍ତନ ଉପାଧ୍ୟକ୍ଷ ଟୁକୁନା ସ୍ୱାଇଁ, କଳମ୍ବ ସରପଞ୍ଚ ପ୍ରଦୀପ କୁମାର ଜେନା, କୈଳାସ ଚନ୍ଦ୍ର ପ୍ରଧାନ, ହରିହର ବିଷୋୟୀ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। କ୍ରୀଡା, ସଂସ୍କୃତି ଓ ସାମାଜିକ କାର୍ଯ୍ୟକଳାପରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷକ ଭଞ୍ଜ କିଶୋର ଗୌଡ଼, ନାଟ୍ୟ ନିର୍ଦ୍ଦେଶକ ଅଧ୍ୟାପକ ପ୍ରେମାନନ୍ଦ ପରିଡ଼ା, +୨ କଳାରେ ବୁଗୁଡ଼ା ବ୍ଲକ ଟପର୍ ଛାତ୍ରୀ ଶୁଭପ୍ରିୟା ବିଷୋୟୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୋଡାଲ ଅଧିକାରୀ ସରୋଜ କାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ସାଂସ୍କୃତିକ ବିଭାଗ ସଂଯୋଜକ ସୁଶାନ୍ତ କୁମାର ପଣ୍ଡା, କ୍ରୀଡା ବିଭାଗ ସଂଯୋଜିକା ସୁଜାତା କୁମାରୀ ପଟ୍ଟନାୟକ, ସାମାଜିକ କାର୍ଯ୍ୟ ସଂଯୋଜକ ବିଭୁତି ଭୂଷଣ ବେବର୍ତ୍ତା ପ୍ରମୁଖ ପରିଚାଳନା କରିଥିବାବେଳେ ଅନ୍ୟ କାର୍ଯ୍ୟକର୍ତ୍ତାଗଣ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସପ୍ତାହରେ ବୁଲିଲା ସଚେତନତା ରଥ

**ଭଞ୍ଜନଗର, ୩।୧(ସମିସ):** ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏକ ସଚେତନତା ରଥ ବିଭିନ୍ନ ସ୍ଥାନ ବୁଲିବା ସହ ସ୍ୱେଚ୍ଛାସେବୀ ସଙ୍ଗଠନ ବିପଦର ବନ୍ଧୁ ସହଯୋଗରେ ଲୋକଙ୍କୁ ସଚେତନ କରାଯାଉଛି। ଆଜି ଏହି ରଥ ଆରଟିଓ ଅଫିସରୁ ବାହାରି ଆସିକା, ଶେରଗଡ଼ ଓ ବଡ଼ଗଡ଼ ଅଞ୍ଚଳର ବିଭିନ୍ନ ଗ୍ରାମ ବୁଲିବା ସହ ପଥପ୍ରାନ୍ତ ସଭାକରି ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରିଥିଲା। ବିପଦର ବନ୍ଧୁ ସଦସ୍ୟ ଅରକ୍ଷିତ ପରିଛା ଓ ଅନ୍ୟ ସଦସ୍ୟମାନେ ଏଥିରେ ସାମିଲ ହୋଇ ସଚେତନ କରିଥିଲେ। ସେହିପରି ଜଗନ୍ନାଥପ୍ରସାଦ ବ୍ଲକ ବିଡ଼ିପୁର ସ୍ଥିତ ତେନ୍ତୁଳିଆ ଦେବସ୍ଥାନ ମହାବିଦ୍ୟାଳୟରେ ମଧ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ, ସମ୍ମାନିତ ଅତିଥି ରୂପେ ପୂର୍ବତନ କେଏସୟୁବି କଲେଜ ଅଧ୍ୟକ୍ଷ ଡ଼. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ପ୍ରାକ୍ତନ କଲେଜ ଅଧ୍ୟାପକ ଗୋବିନ୍ଦ ରାଓ, କଲେଜ ଅଧ୍ୟକ୍ଷ ଡ଼. ରମଣୀ ରଞ୍ଜନ ମିଶ୍ର, ପରିଚାଳନା କମିଟିର ସଭାପତି ଡ଼. ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ ଯୋଗ ଦେଇଥିଲେ। ଏଥିରେ ଟ୍ରାଫିକ ନିୟମ ମାନିବା, ଦ୍ରୁତ ଗତିରେ ଗାଡ଼ି ଚାଳନା, ହେଲମେଟ ଓ ସିଟ ବେଲ୍ଟ ବ୍ୟବହାର, ମଦ୍ୟପାନ କରି ଗାଡ଼ି ନ ଚଲେଇବା, ଚାଳକଙ୍କୁ ନିଦ ଆସିଲେ ଚାହା ପିଇବା, ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କ ପ୍ରାଥମିକ ଚିକିତ୍ସା, ଗୋଲଡେନ୍ ଆୱାର୍ ଓ ସହାୟତା ରାଶି ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ।

## ୱାରେଣ୍ଟ ବଳରେ ୪ କୋର୍ଟ ଚାଲାଣ

**ସାନଖେମୁଣ୍ଡି,୩।୧(ସମିସ):** ପାଟପୁର ପୁଲିସ ୱାରେଣ୍ଟ ବଳରେ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧିନସ୍ଥ ସିନ୍ଦୂରପୁର ଗ୍ରାମର ଶୈଳ ନାଇକ, ଯାଗିଲି ନାଇକ, ପାଣ୍ଡବ ନାଇକ, ରେଣୁ ନାଇକ। ସୂଚନା ମୁତାବକ ଥାନା ମାମଲା ୦୪/୧୪ରେ ଉପରୋକ୍ତ ଅଭିଯୁକ୍ତ ନିୟମିତ କୋର୍ଟରେ ହାଜର ନ ହେବାରୁ ୱାରେଣ୍ଟ ଜାରି କରାଯାଇଥିଲା। ପରେ ପୁଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତ।

● ମଦନ ମୋହନ କ୍ରିକେଟ୍ ଟର୍ଣ୍ଣାମେଣ୍ଟ

## କାଇଁଚପୁର ଚାମ୍ପିଅନ

**ଗଞ୍ଜାମ, ୩।୧(ସମିସ):** ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ମଦନ ମୋହନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଅଂଶଗ୍ରହଣ କରିଥିବାବେଳେ ୬ ଓଭର୍ ବିଶିଷ୍ଟ ମ୍ୟାଚ୍ ଖେଳାଯାଇଥିଲା। ଲିଗ୍ ମ୍ୟାଚ୍ ଗୁଡ଼ିକ ଜିତି କାଇଁଚପୁର ଓ ଗଞ୍ଜାମ ଥାନା ପୁଲିସ୍ ଟିମ୍ ଫାଇନାଲକୁ ଉନ୍ନିତ ହୋଇଥିଲେ। ଏଥିରେ କାଇଁଚ ପୁର କ୍ରିକେଟ ଟିମ୍ ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚରେ ଅତିଥି ଭାବେ ଏନଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ ଏବଂ ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଏଲେୟା ଓ ପପୁ ମ୍ୟାଚ୍ ପରିଚାଳନା କରିଥିବାବେଳେ ପ୍ରଦୀପ କୁମାର ପଣ୍ଡା, ଶିବାନନ୍ଦ ପଲାଇ, ଯୁବ ବିଜେଡି ନେତା ବିଭୂତି ପଲାଇ, ପପୁ ପଣ୍ଡା, ପଦିଆ ବେହେରା ସହ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

## ଛତ୍ରପୁର ଏନ଼୍ଏସିର ବୈଠକ



**ଛତ୍ରପୁର, ୩।୧(ସମିସ):** ଛତ୍ରପୁର ଏନଏସିର କାଉନସିଲର ବୈଠକ ଏନଏସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ଛତ୍ରପୁର ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ବିତ ସଂଗ୍ରାମଜୀତ ସାହୁଙ୍କ ସମେତ ସମସ୍ତ କାଉନସିଲର ମାନେ ଯୋଗଦେଇ ଆଲୋକୀକରଣ, ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ସହରରେ ଆଇନ ଶୃଙ୍ଖଳା ବ୍ୟବସ୍ଥା, ସହରାଞ୍ଚଳର ସ୍ୱାସ୍ଥ୍ୟ ଓ ପରିବେଶ ଉପରେ ଆଲୋଚନା କରାଯିବା ସହିତ ପିଲିବନ୍ଧ ଓ କଲ୍ୟାଣ ମଣ୍ଡପକୁ ଟେଣ୍ଡର ପ୍ରକ୍ରିୟା କରି କାର୍ଯ୍ୟକାରୀ କରିବା ସମେତ ଅନ୍ୟାନ୍ୟ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

## ଗଞ୍ଜେଇ ଗଛ ଲଗାଇଥିବା ମାମଲାରେ ୨ ଅଭିଯୁକ୍ତ କୋର୍ଟଚାଲାଣ



**ସାନଖେମୁଣ୍ଡି,୩।୧(ସମିସ):** ପାଟପୁର ପୁଲିସ ଗଞ୍ଜେଇ ଗଛ ଲଗାଇଥିବା ମାମଲାରେ ୨ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ମାନେ ହେଲେ ପାଟପୁର ଥାନା ବାଇଲଖୋଲିଆ ଗ୍ରାମର ଜିରମିଆ ଗମାଙ୍ଗ, ସୀମିଆ ମଣ୍ଡଳ। ସୂଚନା ମୁତାବକ ଗତ ଡିସେମ୍ବର ମାସ ୨୦ତାରିଖରେ ପାଟପୁର ପୁଲିସ ବାଇଲଖୋଲିଆ ଗ୍ରାମ ନିକଟ ଜଙ୍ଗଲରେ ୨୦ଏକର ଗଞ୍ଜେଇ ଚାଷ ଜମିରୁ ୨୦ ହଜାର ଗଛ କାଟି ନଷ୍ଟ କରିବା ସହ ୮୦୩/୨୩ ରେ ଏକ ମାମଲା ରୁଜୁ କରି କଟାଯାଇଥିବା ଗଞ୍ଜେଇ ଗଛ ଗୁଡ଼ିକ ପୋଡ଼ି ନଷ୍ଟ କରିଥିଲା। ଏହି ଚଢ଼ାଉରେ ଆସିକା ଏସ. ଡି. ପି. ଓ ଉମା ଶଙ୍କର ସିଂହଙ୍କ ସମେତ ୪ଟି ଥାନାର ଥାନା ଅଧିକାରୀଯଙ୍କ ସମେତ ୩ପ୍ଲାଟୁନ ଫୋର୍ସ ନିୟୋଜିତ ଥିଲେ। ଏହି ସମୟରେ ଉପରୋକ୍ତ ଅଭିଯୁକ୍ତମାନେ ଗଞ୍ଜେଇ ଗଛ ଲଗାଉଥିବା ପୁଲିସ ଜାଣିବାକୁ ପାଇଥିଲା। ପରେ ଏକ ମାମଲା ରୁଜୁ କରାଯାଇ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ ସୂଚନା ଦେଇଛନ୍ତି।

## ଭାଲିଆଖାଇରେ ଧାନମଣ୍ଡି ଶୁଭାରମ୍ଭ



**ଭଞ୍ଜନଗର,୩।୧(ସମିସ):** ଭଞ୍ଜନଗର ବ୍ଲକ ମୁଦୁଲି ପଲି ପଞ୍ଚାୟତରେ ବୁଧବାରଠାରୁ ଖରିଫ୍ ଧାନ କିଣା ଶୁଭାରମ୍ଭ ହୋଇଛି। ଭାଲିଆଖାଇ ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ ଦିନରେ ଚାଷୀଙ୍କଠାରୁ ଧାନ କିଣିଛି। ଭଞ୍ଜନଗର ବିଡିଓ ଶଶିଭୁଷଣ ମହାପାତ୍ର, ତହସିଲଦାର ଉମାଶଙ୍କର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧାନ ମଣ୍ଡି ଉଦଘାଟନ କରିଥିଲେ। ମଣ୍ଡି ଶୁଭାରମ୍ଭ ସମୟରେ ଉପଖଣ୍ଡ ଯୋଗାଣ ଅଧିକାରୀ ଅସିତ ମହାନ୍ତି, ଆରଏମସି ସମ୍ପାଦକ କସ୍ତୁରୀ ସନ୍ୟାସୀ ରାଜୁଙ୍କ ସମେତ ବ୍ଲକ ଯୋଗାଣ ଅଧିକାରୀ ଉପସ୍ଥିତ ଥିଲେ।

## କୃଷି କାର୍ଯ୍ୟାଳୟ ଆଗରେ ଧାରଣା



**ଜଗନ୍ନାଥପ୍ରସାଦ, ୩।୧(ସମିସ):** ବିହନ ବଣ୍ଟାରେ ପାତର ଅନ୍ତର ଅଭିଯୋଗ ନେଇ ଶତାଧିକ ଚାଷୀ ଓ ମହିଳାଗ୍ରୁପର ସଦସ୍ୟମାନେ ଜଗନ୍ନାଥ ପ୍ରସାଦ କୃଷି କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ୨୦୨୩/୨୪ମସିହାରେ ଆସିଥିବା ବିହନକୁ ପ୍ରତି ପଞ୍ଚାୟତର ଚାଷୀଙ୍କୁ ତାଲିକା ମୁତାବକ ବିଭିନ୍ନ ବିହନ ବଣ୍ଟନ କରାଯିବାର ନିୟମ ରହିଛି। ଏହି ବିହନ ବଣ୍ଟାର ଅନିମିତତା ହେଉଥିବା ଅଞ୍ଚଳର ଚାଷୀ ଏବଂ ମହିଳାଗୋଷ୍ଠୀର ସଦସ୍ୟମାନେ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଥିବା ଦେଖିବାକୁ ମିଳିଛି। ଚାଷୀ ଆଇଡି ଥିବା ଏବଂ ଉଚିତ ଚାଷୀଙ୍କୁ ବିହନ ନ ଦେଇ ରାଜନେତାଙ୍କ ସମ୍ପର୍କୀୟ ଓ ମୁହଁ ଚିହିଁ ବିହନ ଦିଆଯାଉଥିବା ଅଭିଯୋଗ କରିଛନ୍ତି। ଫଳରେ ପ୍ରକୃତ ହିତାଧିକାରୀଙ୍କୁ ବିହନ ମିଳୁନି। ଧାରଣା ବେଳେ ଶାନ୍ତି ଶୃଙ୍ଖଳା ଦୃଷ୍ଟିକୋଣରୁ ପୁଲିସ ମୁତୟନ ରହିଥିଲେ। ଏନେଇ ଗୋଷ୍ଠୀ କୃଷି ଅଧିକାରୀ ଅଭିଜିତ ପ୍ରଧାନଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ଯେ, ପ୍ରତି ପଞ୍ଚାୟତ ନିର୍ବାଚିତ ଜନ ପ୍ରତିନିଧି, ଗ୍ରାମ୍ୟ କୃଷି କର୍ମଚାରୀଙ୍କ ମିଳିତ ଆନୁକୂଲ୍ୟରେ ଏକ ତାଲିକା କରାଯାଇଛି। ଏହିକ୍ରମରେ ବର୍ତ୍ତମାନ ସୂର୍ଯ୍ୟମୁଖୀ, ସୋରିଷ, ଚିନାବାଦାମ, ମୁଗ ବିହନ ସଠିକ ଭାବେ ଦିଆଯାଉଛି। ପ୍ରତିବାଦ କରୁଥିବା ଚାଷୀମାନେ ସଠିକ ସମୟରେ ପଞ୍ଜିକରଣ କରିନଥିବାରୁ ଏମାନେ ବାଦ ପଡ଼ିଥିବା ସେ କହିଛନ୍ତି।

## ବିଜୁ ଜନତା ଦଳର ପ୍ରସ୍ତୁତି ବୈଠକ




**ଛତ୍ରପୁର,୩।୧(ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜୁ ଜନତାଦଳର ପ୍ରତିଷ୍ଠା ଦିବସ ଅବସରରେ ଆସନ୍ତା ୫ ତାରିଖ ଦିନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥି ଲାଗି ଛତ୍ରପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ସ୍ଥାନୀୟ ଗୌରୀ ଶଙ୍କର ମନ୍ଦିର କଲ୍ୟାଣ ମଣ୍ଡପ ଠାରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ଏବଂ ରକ୍ତଦାନ ଶିବିରରେ ଯେପରି ଅଧିକରୁ ଅଧିକ ରକ୍ତଦାତା ଯୋଗଦେବେ ସେଥି ନିମନ୍ତେ ସମସ୍ତ ଦଳୀୟ ନେତା ଓ କର୍ମୀ ମାନେ କାର୍ଯ୍ୟ କରିବା ପାଇଁ ବିଧାୟକ ଶ୍ରୀ ବେହେରା ସମସ୍ତଙ୍କୁ କହିଥିଲେ। ଏହାସହିତ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମକୁ ସଫଳ କରିବା, ବିଏସକେୱାଇ - ନବୀନ କାର୍ଡ ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ବନ୍ଧରେ ମଧ୍ୟ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଛତ୍ରପୁର ବ୍ଲକ ବିଜେଡି ସଭାପତି ପ୍ରବାସୀ ପ୍ରଧାନ, ଛତ୍ରପୁର ନଗର ସଭାପତି ବି. ରାଜୁବାବୁ, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, ଗଞ୍ଜାମ ଏନଏସି ଉପାଧ୍ୟକ୍ଷ ସୁରେନ୍ଦ୍ର ବାରିକି, ଗଞ୍ଜାମ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହାନ, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଜିଲ୍ଲାପରିଷଦ ସଭ୍ୟ ଏମ.ଧନଞ୍ଜୟ ରେଡ୍ଡୀ ଓ ସନାତନ ବେହେରା, ଛତ୍ରପୁର ନଗର ବିଜେଡି ଉପ ସଭାପତି ଅଟଳ ବିହାରୀ ପଟ୍ଟନାୟକ, ଛତ୍ରପୁର ନଗର ବିଜେଡି ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଯୁବ ବିଜେଡି ଛତ୍ରପୁର ନିର୍ବାଚନମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, ଯୁବ ବିଜେଡି ଛତ୍ରପୁର ନଗର ସଭାପତି ଟି.ଚନ୍ଦ୍ରଶେଖର ରାଓ, ଯୁବ ବିଜେଡି ଛତ୍ରପୁର ବ୍ଲକ ସଭାପତି କାଳିଆ ନାହାକ, ଉପସଭାପତି କାହ୍ନୁଚରଣ ବେହେରା, ଯୁବ ବିଜେଡି ଗଞ୍ଜାମ ନଗର ସଭାପତି ସୁଧୀର କୁମାର ପାଢ଼ୀ, ସହଦେବ ସାହୁ, ଶମ୍ଭୁନାଥ ସ୍ୱାଇଁ, ଅକ୍ଷୟ ସ୍ୱାଇଁ, ରାଜେଶ ମହାରଣା, ଗଗନ ସ୍ୱାଇଁ, କିଶୋର ବେହେରା, ସମିତି ସଭ୍ୟ ଏସ.ଚକ୍ରପାଣି ରେଡ୍ଡୀ, ସିଲୁ ଦାଶ, କାଉନସିଲର ଦେବାଶିଷ ମିଶ୍ର, ପ୍ରୀତିଛନ୍ଦା ସାମଲ, ସନ୍ତୋଷୀ ସେଠି, କେ. ରମେଶଙ୍କ ସମେତ ଛତ୍ରପୁର ନିର୍ବାଚନମଣ୍ଡଳୀର ବହୁ ଜନପ୍ରତିନିଧୀ, ଛାମୁଆ ନେତା, ଆଇନଜୀବୀ, ଯୁବ ଓ ଛାତ୍ର ନେତା ମାନେ ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଶିକ୍ଷକ ଟ୍ରଷ୍ଟର କ୍ୟାଲେଣ୍ଡର ଉନ୍ମୋଚିତ

**ବୁଗୁଡ଼ା, ୩।୧(ସମିସ):** ସ୍ଥାନୀୟ ମାଳିଝୋଳା ମନ୍ଦିର ପରିସରରେ ବୁଗୁଡ଼ା ବ୍ଲକ ଅବସରପ୍ରାପ୍ତ ପ୍ରାଥମିକ ଶିକ୍ଷକ ଟ୍ରଷ୍ଟ ପକ୍ଷରୁ ନବ ବର୍ଷ ୨୦୨୪ର କ୍ୟାଲେଣ୍ଡର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ବିଶ୍ୱମୋହନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୌରୀପତି ଦାଶ ବେଦପାଠ ଏବଂ ସମ୍ପାଦକ ପ୍ରକାଶ ଚନ୍ଦ୍ର ରଥ ପୂର୍ବ ବିବରଣୀ ପଠନ କରିଥିବାବେଳେ ପରିଶେଷରେ ଅନନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ମନୋରଞ୍ଜନ ଦାଶଙ୍କ ସମେତ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ହରେକୃଷ୍ଣ ପାତ୍ର ଉପସ୍ଥିତ ଥିଲେ।



## ୬୦୮ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ



**ସାନଖେମୁଣ୍ଡି,୩।୧(ସମିସ):** ସାନଖେମୁଣ୍ଡି ତହସିଲ ପକ୍ଷରୁ ବୁଧବାର ସିଙ୍ଗିପୁର ଗ୍ରାମରେ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୬୬୫ ଜଣଙ୍କୁ ଗ୍ରାମକଣ୍ଟକ ପରମ୍ବୋକ ପରିବର୍ତ୍ତେ ଘରବାରି ପଟ୍ଟା ପ୍ରଦାନ କରାଯାଇଛି। ଅତିରିକ୍ତ ତହସିଲଦାର ଦିଲ୍ଲୀପ ଜେନା ଅଧ୍ୟକ୍ଷତାରେ କରିଥିଲେ। ଆସିକା ସାଂସଦ ପ୍ରମିଳା ବିଷୋୟୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଉପ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଯୋଗ ଦେଇ ରାଜସ୍ୱ ମେଳାରେ ୬୬୫ ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସିଙ୍ଗିପୁର ସରପଞ୍ଚ ପ୍ରତିନିଧି ଚନ୍ଦ୍ରଶେଖର ମହାପାତ୍ର, ସୁପରଭାଇଜର ଚିତ୍ରସେନ ସାହୁ ସନ୍ତୋଷ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। ଆଜିର ମେଳା ପରିଚାଳନା ଅତିରିକ୍ତ ରାଜସ୍ୱ ନିରୀକ୍ଷକ କେ .ରାମୁ କରିଥିବାବେଳେ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ୨୦୨୩ ବର୍ଷ: ଗଞ୍ଜାମ ପୁଲିସ ଜିଲ୍ଲାରେ ସର୍ବାଧିକ ମାମଲା

**୪୬୮୪ ମଦ୍ୟପ ଚାଳକଙ୍କ ବିରୋଧରେ ମାମଲା ରୁଜୁ**

**୧୫୪ଟି ଜୁଆଆଡ୍ଡାରେ ଚଢ଼ଉ, ୭୯୪ ଗିରଫ, ୨୫ଲକ୍ଷ ଜବତ**

**୧୭ ହଜାର ୪୬୧ଟି ମାମଲା ପଞ୍ଜୀକୃତ, ୯୫ପ୍ରତିଶତ ମାମଲାର ତଦନ୍ତ ଶେଷ**




**ଛତ୍ରପୁର,୩।୧(ସମିସ)**

ରାଜ୍ୟର ଅନ୍ୟ ଏକ ପ୍ରମୁଖ ପୁଲିସ ଜିଲ୍ଲା ହେଉଛି ଗଞ୍ଜାମ। ଏହି ପୁଲିସ ଜିଲ୍ଲାର ସମୁଦାୟ ୨୫ଟି ଥାନାରେ ୨୦୨୩ ବର୍ଷରେ ରାଜ୍ୟର ସର୍ବାଧିକ ମାମଲା ରୁଜୁ ହୋଇଛି। ୧୭ହଜାର ୪୬୧ଟି ମାମଲା ପଞ୍ଜୀକୃତ ହୋଇଛି। ହତ୍ୟା, ଡକାୟତି, ଚୋରି, ଠକେଇ, ରାହାଜାନି ଆଦି ବିଭିନ୍ନ ପ୍ରକାରର ମାମଲାର ତଦନ୍ତ କରାଯାଇ ପୁଲିସ ବେଶ ସଫଳତା ମଧ୍ୟ ପାଇଛି। ଅଧିକ ମାମଲା ପଞ୍ଜୀକୃତ ସହ ୯୫ପ୍ରତିଶତ ମାମଲାର ପୁଲିସ ପକ୍ଷରୁ ତଦନ୍ତ ସରିଛି। ସର୍ବନିମ୍ନ ମାମଲା ପେଣ୍ଡିଂ ରହିଥିବା ଗଞ୍ଜାମ ଏସପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ୨୦୨୨ବର୍ଷରେ ୧୩ହଜାର ୪୦୩ଟିମାମଲା ରୁଜୁ ହୋଇଥିବା ବେଳେ ୨୦୨୩ବର୍ଷରେ ୩୦ପ୍ରତିଶତ ମାମଲା ବୃଦ୍ଧି ପାଇଛି। ଭଞ୍ଜନଗର ଥାନାରେ ସର୍ବାଧିକ ୧୨୧୮ଟି ମାମଲା ରୁଜୁ ହୋଇଥିବା ବେଳେ ହିଞ୍ଜିଳି ଥାନାରେ ୧୦୧୪ଟି ମାମଲା ରୁଜୁ ହୋଇଛି। ସର୍ବନିମ୍ନ ଭାବେ ଆର୍ଯ୍ୟପଲ୍ଲୀ ମେରାଇନ ଥାନାରେ ୭୬ଟି ମାମଲା ରୁଜୁ କରାଯାଇଛି। ମଦ୍ୟପ ଚାଳକ ବିରୁଦ୍ଧରେ ବିଭିନ୍ନ ଥାନା ପକ୍ଷରୁ ଦୃଢକାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୨୦୨୩ ବର୍ଷରେ ୪୬୮୪ ମଦ୍ୟପ ଚାଳକ ବିରୋଧରେ ମାମଲା ରୁଜୁ ହେବା ସହ ଗାଡି ଜବତ ହୋଇଛି। ସେମାନଙ୍କଠାରୁ ୧୦ହଜାର ଟଙ୍କା ଲେଖାଏଁ ଜରିମାନା ପକାଯାଇଛି । ଭଞ୍ଜନଗର ଅଂଚଳରେ ସର୍ବାଧିକ ୪୦୫ ମଦ୍ୟପ ଚାଳକ ଧରାପଡିଛନ୍ତି। ସେହିପରି ୧୮୫ଟି ମୋବାଇଲ ଚୋରି କିମ୍ବା ହଜିଯାଇଥିବା ନେଇ ମାମଲା ରୁଜୁ ହୋଇଥିବା ବେଳେ ୨୨୫ଟି ଫୋନ ଉଦ୍ଧାର କରାଯାଇ ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବହୁ ଅପରାଧ କରି ଫେରାର ରହିଥିବା ଆସାମୀମାନଙ୍କ ବିରୁଦ୍ଧରେ ମଧ୍ୟ ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୩୩ଜଣ ପଳାତକ ରହିଥିବା ବେଳେ ସେମାନଙ୍କ ବିରୁଦ୍ଧରେ ୮୨/୮୩ ସିଆରପିଏସ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କେତେ ଜଣ ଆତ୍ମସମର୍ପଣ କରିଥିବା ବେଳେ ୧୭ଜଣଙ୍କୁ ଗିରଫ କରାଯାଇଛି। ଏହାସହ ୧୦୩ ଟି ଗାଡି ବେଆଇନ ଭାବେ ମଦ ଚାଲାଣ ବେଳେ ଧରାପଡିଛନ୍ତି। ୯୨ଟି ଦୁଇ ଚକିଆ, ୭ଟି ତିନିଚକିଆ ଓ ୪ଟି ଚାରି ଚକିଆ ଯାନ ଜବତ ହୋଇଛି। ୧୫୪ଟି ଜୁଆ ଆଡ୍ଡାରେ ଚଢାଉ କରାଯାଇ ୭୯୪ ଜଣ ଗିରଫ ସହ ୨୫ଲକ୍ଷ ୪ହଜାର ୯୯୦ ଟଙ୍କା ଓ ୧୨୬ ଗାଡି ଜବତ କରାଯାଇଛି। ହିଞ୍ଜିଳି ଥାନାରେ ସର୍ବାଧିକ ୧୫ଟି ଜୁଆ ଆଡ୍ଡା ମାମଲା ରୁଜୁ ସହ ୭୮ ଜଣ ଗିରଫ ହୋଇଛନ୍ତି। ଗଞ୍ଜାମ ପୁଲିସ ଜିଲ୍ଲା ନୂତନ ପଦ୍ଧତି ଗ୍ରହଣ କରିବା ସହ କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟୱାର୍କ ସିଷ୍ଟମ (ସିସିଟିଏନ୍ଏସ୍)ର ବ୍ୟବହାର କରୁଛି। ସମସ୍ତ କେଶ ଗୁଡିକ ଡିଜିଟାଇଜଡ କରାଯାଉଛି। ସମସ୍ତ ଥାନା ଓ ଆରକ୍ଷୀ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତ କେସ ରେର୍କଡ ସିସିଟିଏନ୍ଏସ୍ ମାଧ୍ୟମରେ ଅନଲାଇନରେ କରାଯାଉଛି। ଏହି ସବୁ କାମ କରିଥିବାରୁ ଗଞ୍ଜାମ ପୁଲିସ ଜିଲ୍ଲା ସିସିଟିଏନ୍ଏସ୍ ପ୍ରଗତି ଡ୍ୟାସବୋର୍ଡରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଗଞ୍ଜାମ ଏସପି କହିଥିଲେ। ଏହା କେବଳ ସଫଳ ରୂପାୟନ ପାଇଁ କନେଷ୍ଟବଳ ଏବଂ ହୋମଗାର୍ଡଙ୍କ ସମେତ ପୁଲିସ ଅଧିକାରୀ, କର୍ମଚାରୀଙ୍କ ଦଳଗତ କାର୍ଯ୍ୟ ଦ୍ୱାରା ସମ୍ଭବପର ହୋଇପାରିଛି ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଲୋକଙ୍କୁ ଉତ୍ତମ ସେବାଠାରୁ ଆରମ୍ଭ କରି ପ୍ରତ୍ୟେକ ଦିଗକୁ ପୁଲିସ ସର୍ବଦା ଗୁରୁତ୍ୱ ଦେଉଛି ବୋଲି ଏସପି ଶ୍ରୀ ମୀନା କହିଛନ୍ତି ।

## ଫାଇନାନ୍ସ କର୍ମଚାରୀଙ୍କୁ ମାଡ଼ମାରି ଟଙ୍କା ଲୁଟ୍

**ଦିଗପହଣ୍ଡି,୩।୧(ସମିସ):** ଦିଗପହଣ୍ଡି ଥାନା ବି. ତୁରୁବୁଡି ପଞ୍ଚାୟତ ଅନ୍ତର୍ଗତ ଗାଇଗୁହାଳ ଛକରେ ଏକ ଘରୋଇ ଫାଇନାନ୍ସ କମ୍ପାନୀର ୨ ଜଣ କର୍ମଚାରୀଙ୍କୁ ମାଡ଼ ମାରି ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ପ୍ରକାରେ ସ୍ୱତନ୍ତ୍ର ଫାଇନାନ୍ସ କମ୍ପାନୀର ୨ କର୍ମଚାରୀ ଖଲ୍ଲିକୋଟ ଅଞ୍ଚଳର ସୁଦାମ ମଲ୍ଲିକ ଏବଂ ସୋରଡାର ଶଙ୍କର ପ୍ରସାଦ ସାହୁ ଦୁହେଁ ମିଶି ମଙ୍ଗଳବାର ବିଳମ୍ବିତ ସନ୍ଧ୍ୟାରେ ଋଣଟଙ୍କା ଆଦାୟ କରି ବି. ତୁରୁବୁଡ଼ି ଗ୍ରାମରୁ ସାନଡୁମ୍ବୁଳା ଅଭିମୁଖେ ଯାଉଥିଲେ। ଏହି ସମୟରେ ଅନ୍ୟ ଏକ ବାଇକରେ ୩ ଜଣ ଦୁର୍ବୃତ୍ତ ଗାଇଗୁହାଳ ଛକରେ ସେମାନଙ୍କୁ ଅଟକାଇବା ସହ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ଦୁଇ କର୍ମଚାରୀ ରାଜି ନହେବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଆକ୍ରମଣ କରି ବ୍ୟାଗରେ ଧରିଥିବା ୬୫ ହଜାର ଟଙ୍କା ଛଡାଇ ନେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ଅନୁଧ୍ୟାନ କରି ଫେରିଥିଲେ। ପରେ ଲୁଟର ଶିକାର ହୋଇଥିବା ସୁଦାମ ମଲିକ ରାତି ପ୍ରାୟ ୧୧ଟାରେ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୁଲିସ ଥାନା କେସ୍ନଂ୨/୨୪ ପ୍ରକାରେ ମାମଲା ରୁଜୁ କରି ତଦନ୍ତ କରୁଛି।

## ରୋହିଗାଁରେ ଧାନମଣ୍ଡିର ଶୁଭାରମ୍ଭ

**କୁକୁଡ଼ାଖଣ୍ଡି,୩।୧(ସମିସ):** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ରୋହିଗାଁ ସେବା ସମବାୟ ସମିତି ଲିଃ ପରିସରରେ ୨୦୨୩-୨୦୨୪ ଖରିଫ ଧାନ କ୍ରୟ ଲାଗି ମଣ୍ଡିର ଶୁଭାରମ୍ଭ ହୋଇଯାଇଛି। ସମବାୟ ସମିତି ସଭାପତି ଦିବାକର ଜେନାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁକୁଡ଼ାଖଣ୍ଡି ପଞ୍ଚାୟତ ସମିତି ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ମୁଖ୍ୟ ଅତିଥି ଓ ସରପଞ୍ଚ ବଶିଷ୍ଠ କୁମାର ଜେନା, ସମିତି ସଭ୍ୟା ପ୍ରତିନିଧି ବସନ୍ତ କୁମାର ସ୍ୱାଇଁ, ପାଣ୍ଡିଆଖୋଳି ସମବାୟ ସମିତି ସଭାପତି ବୃନ୍ଦାବନ ଖଟେଇ ସମ୍ମାନୀତ ଅତିଥିଭାବେ ଯୋଗଦେଇ ମଣ୍ଡିର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଳକୃଷ୍ଣ ସ୍ୱାଇଁ, ପାଣ ବେହେରା, ବିପ୍ରଚରଣ ସେଠି, ଜାଗିଲି ବେହେରା, ବାବୁଲାଲ ଜେନା, ପର୍ଶୁରାମ ସ୍ୱାଇଁ, ରୁବିତା ସ୍ୱାଇଁ, ସବିତା ଡାକୁଆ, ଉମାଶଙ୍କର ଜେନା ପ୍ରମୁଖ ଉପସ୍ଥିତ ଥିଲେ। କୁକୁଡ଼ାଖଣ୍ଡି ବ୍ଲକର ୧୯ଟି କୃଷି ସେବା ସମବାୟ ସମିତି ଓ ୩ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଧାନ କ୍ରୟଲାଗି ଅନୁମତି ମିଳିଛି। ଚଳିତ ବର୍ଷ ୭୧୦୦ ଚାଷୀ ଧାନ ବିକ୍ରି ନିମନ୍ତେ ପଞ୍ଜିକୃତ କରିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ମନୋଜ କୁମାର ଜେନା, ସନ୍ତୋଷ କୁମାର ସ୍ୱାଇଁ, ବାଳକୃଷ୍ଣ ଜେନା, ସଞ୍ଜୟ ଜେନାଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ସମବାୟ ସମିତି ସମ୍ପାଦକ ସନ୍ତୋଷ କୁମାର ଡାକୁଆ ସଭା ସଂଚାଳନ କରିଥିବା ବେଳେ ଡିଇଓ ବିରଞ୍ଚି ନାରାୟଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ମାର୍ଟସ୍କୁଲ ପରିଦର୍ଶନ କଲେ ବିଡିଓ

**ସାନଖେମୁଣ୍ଡି,୩।୧(ସମିସ):** ରାଜ୍ୟସରକାରଙ୍କ ଉଦ୍ୟମରେ ସମ୍ପ୍ରତି ୫-ଟି ଜରିଆରେ ରୂପାନ୍ତରିତ ହୋଇଛି। ଏଥିରେ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା କରାଯାଉଛି। ଏ ପରିପ୍ରେକ୍ଷୀରେ ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଗୌତମୀ ସ୍ଥିତ ହାଇସ୍କୁଲରେ ଚାଲିଥିବା ୫-ଟି ରୂପାନ୍ତରଣ ଜରିଆରେ ସ୍ମାର୍ଟସ୍କୁଲ କାର୍ଯ୍ୟକୁ ଦେଖିବା ପାଇଁ ସାନଖେମୁଣ୍ଡି ବି.ଡି.ଓ ଜୀତେନ୍ଦ୍ର କୁମାର ମୀଶ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ କାର୍ଯ୍ୟ ଗୁଡ଼ିକ ଦେଖି ଆସନ୍ତା ୫ଦିନ ସୁଦ୍ଧା କାମ ଶେଷ କରି ହସ୍ତାନ୍ତର କରିବାକୁ ଠିକାଦାରଙ୍କୁ କହିଛନ୍ତି। ପରିଦର୍ଶନ ସମୟରେ ଏହି କାର୍ଯ୍ୟକ୍ରମ ଜଡ଼ିତ ସମସ୍ତ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

## ଗଞ୍ଜାମରେ ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧନା

**ଗଞ୍ଜାମ,୩।୧(ସମିସ):** ଗଞ୍ଜାମ ସହର ସ୍ଥିତ ମା' ବୁଢୀ ଠାକୁରାଣୀ ମନ୍ଦିର ପରିସରରେ ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମାରୋହରେ ସମନ୍ତରା ସାହିର ୨୦ଜଣ ବୟୋଜ୍ୟେଷ୍ଠ ମହିଳା ଓ ପୁରୁଷଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ସଭାରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୋବିନ୍ଦ ପଣ୍ଡା ପୌରୋହିତ୍ୟ କରିଥିଲେ। ଗଞ୍ଜାମ ପୌରାଞ୍ଚଳ ବରିଷ୍ଠ ନାଗରିକ ପରିଷଦର ସଭାପତି ଲିଙ୍ଗରାଜ ପଟ୍ଟନାୟକ ଏବଂ ସମ୍ପାଦକ ଗୌରୀଶଙ୍କର ପାଢ଼ି, ୨ ନମ୍ବର ୱାର୍ଡ କାଉନସିଲର ରିତାରାଣୀ ମହାରଣା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ସମାରୋହକୁ ବରିଷ୍ଠ ସ୍ୱେଚ୍ଛାସେବୀ ପ୍ରଶାନ୍ତ ପଣ୍ଡା, ଉପେନ୍ଦ୍ର ଆଚାର୍ଯ୍ୟ, ଉତ୍ତମ ପଣ୍ଡା, ବାସୁଦେବ ମହାରଣା, ବିନୋଦ ମହାପାତ୍ର ପ୍ରମୁଖ ଆୟୋଜନ କରିଥିଲେ।

## ମଣ୍ଡି ଅବ୍ୟବସ୍ଥା ଅଭିଯୋଗ କଲେ ପଞ୍ଚାୟତ ପ୍ରତିନିଧି

**ପୁରୁଷୋତ୍ତମପୁର,୩।୧(ସମିସ):** ପୁରୁଷୋତ୍ତମପୁର ବ୍ଲକରେ ଧାନ ବିକ୍ରିୟ ସମ୍ବନ୍ଧୀୟ ବିଷୟ ବସ୍ତୁ ଉପରେ ଆଜି ଅପରାହ୍ନରେ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷରେ ପଞ୍ଚାୟତ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ମନୋଜ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ଆୟୋଜିତ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ଆର୍ ଏମ୍ ସି ହିଞ୍ଜିଳିକାଟୁ, ଯୋଗାଣ ଅଧିକାରିଣୀ ନିଳିମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡି ପାଇଁ ଚାଷୀ କମିଟିରେ ପଞ୍ଚାୟତ ପ୍ରତିନିଧିଙ୍କୁ ସାମିଲ କରାଯାଉନଥିବା ବୈଠକରେ ଅଭିଯୋଗ ହୋଇଛି। ବିଭିନ୍ନ ପଞ୍ଚାୟତରେ ପ୍ରାଥମିକ ସେବା ସମବାୟ ସମିତି ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଚାଷୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଏଠାରେ କୁହାଯାଇଛି। କଟନି ଛଟଣୀ ବନ୍ଦ କରି ଧାର୍ଯ୍ୟ ଦର ଅନୁସାରେ ଧାନ କିଣିବା ଲାଗି ଏଠାରେ ଦାବି କରାଯାଇଥିଲା। ପୁରୁଷୋତ୍ତମପୁର ବ୍ଲକରେ ୮୬୨୨ଜଣ ଚାଷୀ ଧାନ ବିକ୍ରିୟ ପାଇଁ ପଞ୍ଜିକରଣ କରିଥିବା ବେଳେ ୧୫ଗୋଟି ପ୍ୟାକ୍ସ ଓ୧୧ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନ କିଣିବା ପାଇଁ ବ୍ୟବସ୍ଥା ହୋଇଛି। ଚାଷୀ ଯେପରି ସୁବିଧା ରେ ମଣ୍ଡିରେ ଧାନ ବିକ୍ରି କୁ ଗୁରୁତ୍ୱ ଦେବାକୁ ଯୋଗାଣ ଅଧିକାରିଣୀ ଙ୍କୁ ବିଡ଼ିଓ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲା ପରିଷଦ ସଭ୍ୟ ଭଜମନ ବେହେରା, ସରପଂଚ ସୁଧାକର ଗଉଡ, ଦାଶ ବେହେରା ମନୋଜ ଦାସ,, ଇନ୍ଦ୍ରଜିତ ନାୟକ,ଦାଶ ବେହେରା, ସମିତି ସଭ୍ୟ ସିମାଞ୍ଚଳ ଗୌଡ, ପାଣ୍ଡିଆ ସମବାୟ ସମିତି ସମ୍ପାଦକ ବିଜୟ ଚନ୍ଦ୍ର ବେହେରା, ମିଲରମାନେ, ସମବାୟ ସମିତି ସମ୍ପାଦକ , ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ର କର୍ମକର୍ତ୍ତା , ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଓଡ଼ିଆ ଅସ୍ମିତା ସମ୍ମିଳନୀରେ ସମ୍ବର୍ଦ୍ଧିତ ହେଲେ ଦାମୋଦର ସାହୁ

**ବେଲଗୁଣ୍ଠା,୩।୧(ସମିସ):** ବେଲଗୁଣ୍ଠା ସହରର ମୂଳ ବାସିନ୍ଦା ତଥା ୟୁଏସ୍ଏ ବାସିନ୍ଦା ଏବଂ ମୁଳିଆ ସ୍ମାରକୀର ପ୍ରତିଷ୍ଠାତା ଡ ଦାମୋଦର ସାହୁ ନିଜର ମାଟି ମନସ୍କ ଚିନ୍ତାଧାରା ଓ ସମାଜସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶ୍ୱର କୋଣ ଅନୁକୋଣରେ ବସବାସ କରୁଥିବା ପ୍ରବାସୀ ଓଡିଆମାନଙ୍କୁ ନେଇ କଟକ ସହର ସାରଳା ଭବନରେ ଅନୁଷ୍ଠିତ ଓଡିଆ ଅସ୍ମିତା ସମ୍ମିଳନୀରେ ସ୍ୱତନ୍ତ୍ର ଭାବେ ସମ୍ମାନିତ ହୋଇଛନ୍ତି। ଉତ୍କଳ ସମ୍ମିଳନୀର ୧୨୦ତମ ପୂର୍ତ୍ତି ଅବସରରେ ନୂଆ ଦିଲ୍ଲୀସ୍ଥିତ ଓଡିଆ ବୁଦ୍ଧିଜୀବୀ ଫୋରମ୍‌ର "ଦି ଇଣ୍ଟେଲେକ୍ଟସ" ଓ ବିଶ୍ୱର ସମସ୍ତ ଓଡିଆ ଅନୁଷ୍ଠାନର ଆନୁକୁଲ୍ୟରେ "ଓଡିଆ ଅସ୍ମିତା ସମ୍ମିଳନୀ" ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥିଭାବେ ଯୋଗଦେଇ କନ୍ଧମାଳ ସାଂସଦ ଡକ୍ଟର ଅଚ୍ୟୁତ ସାମନ୍ତ, କଟକ ମେୟର ସୁବାସ ସିଂ, ବାରବାଟି ବିଧାୟକ ମହମ୍ମଦ ମୋକିମ୍, ପୁର୍ବତନ ମହିଳା କମିଶନ ଅଧ୍ୟକ୍ଷା ଲୋପାମୁଦ୍ରା ମହାନ୍ତି ପ୍ରମୁଖଙ୍କ ଉପସ୍ଥିତରେ ଶ୍ରୀ ସାହୁ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ବିଦେଶରେ ରହି ମଧ୍ୟ କିଛି ଓଡିଆ ଓଡ଼ିଶାର ପାଣି, ପବନ ତଥା ଭାଷାକୁ ନ ଭୁଲି ଉତ୍କଳୀୟ ପରମ୍ପରାକୁ ବିଦେଶରେ ବଜାୟ ରଖିବା ଏବଂ ଏହି ଧାରାକୁ ଚିରାଚରିତ ଭାବେ ବଞ୍ଚାଇ ରଖିବାକୁ ଆଗାମୀ ପିଢ଼ିକୁ ଆହ୍ୱାନ ଦେବା ଏହି କାର୍ଯ୍ୟକ୍ରମ ମୂଳ ଲକ୍ଷ୍ୟ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

## ଟ୍ରାକ୍ଟର ଧକ୍କାରେ ଜଣେ ମୃତ

**ବେଲଗୁଣ୍ଠା,୩।୧(ସମିସ):** ଟ୍ରାକ୍ଟର ବ୍ୟାଟେରି ସଂଯୋଗ ବେଳେ ଗୌରହରି ଗୌଡ଼ଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରା ନିକଟସ୍ଥ ଗୁଣ୍ଡପଲ୍ଲବା ଗ୍ରାମର ପ୍ରଶାନ୍ତ ପଣ୍ଡା ଟ୍ରାକ୍ଟର ବ୍ୟାଟେରି ଚାର୍ଜ କରି ଗାଁକୁ ଆଣିଥିଲେ। ବୁଧବାର ଅପରାହ୍ନରେ ବ୍ୟାଟେରିକୁ ଟ୍ରାକ୍ଟରରେ ସଂଯୋଗ କରିବା ବେଳେ ଗୌରହରିଙ୍କ ସାହାଯ୍ୟ ନେଇଥିଲେ। ବ୍ୟାଟେରିଟି ଟ୍ରାକ୍ଟରରେ ସଂଯୋଗ କରିବାବେଳେ ଗାଡିଟି ଷ୍ଟାର୍ଟ ହୋଇ ଆଗକୁ ଗଡିଯାଇଥିଲା ଏବଂ ଗୌରହରିଙ୍କ ଛାତିରେ ଚଢ଼ିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଗୋବରା ମେଡିକାଲ୍ ଓ ପରେ ଭଞ୍ଜନଗର ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

## ୧୦୮୪ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ

**ଦିଗପହଣ୍ଡି,୩।୧(ସମିସ):** ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ପକ୍ଷରୁ ରାଜସ୍ୱ ମେଳା ସ୍ଥାନୀୟ ଖେମୁଣ୍ଡି ମହାବିଦ୍ୟାଳୟ ନିକଟସ୍ଥ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ତହସିଲଦାର ଅଶୋକ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ବ୍ରହ୍ମପୁର ଉପଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟବକ୍ତା, ଦିଗପହଣ୍ଡି ବିଡିଓ ଡ. ଚିତ୍ତରଞ୍ଜନ ଦାସ, ଅତିରିକ୍ତ ତହସିଲଦାର ସନାତନ ମହାଲିକ, ବ୍ଲକ ଅଧ୍ୟକ୍ଷା ଯମୁନା ନାୟକ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ଦିଗପହଣ୍ଡି ତହସିଲ ଅଧିନସ୍ଥ ବିଭିନ୍ନ ମୌଜାର ହିତାଧିକାରୀଙ୍କ ବିଭିନ୍ନ ଜମିଜମା ସମ୍ପର୍କିତ ପଟ୍ଟା ପଞ୍ଜିକରଣ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ୧୦୮୪ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ରାଜସ୍ୱ ସୁପରଭାଇଜର ବାବୁ ସେଠୀ, ଜି. ଲକ୍ଷ୍ମୀ ଦେବୀ, ତିଳୋତ୍ତମା ଦୋରା, ରାଜସ୍ୱ ନୀରିକ୍ଷକ ଅକ୍ଷୟ ମଲ୍ଲିକ, ଉପେନ୍ଦ୍ର ବେହେରା, ଗିରିଜା ମଲ୍ଲିକ, ସୁନୀଲ ବେହେରା, ସନାତନ ରଣା, ସୁଶାନ୍ତ ବେହେରା, ଯଜ୍ଞ ବେହେରା, ରାମ ସାହୁ, ବିଘ୍ନେଶ୍ୱର ଆଚାର୍ଯ୍ୟ, ପୁଷ୍ପାଞ୍ଜଳୀ ମଲ୍ଲିକ, ବନିତା ପ୍ରଧାନ, ଅମିତ ସ୍ୱାଇଁଙ୍କ ସମେତ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସରପଞ୍ଚ ରଞ୍ଜନ କୁମାର ସାହୁ, ମନୋରଞ୍ଜନ ଗୌଡ଼ଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି ଉପସ୍ଥିତ ଥିଲେ।

## ରାଜସ୍ୱ ମେଳା ଓ ଗ୍ରାମକଣ୍ଟକ ପଟ୍ଟା ବଣ୍ଟନ

**ଛତ୍ରପୁର,୩।୧(ସମିସ):** ରାଜ୍ୟ ସରକାର ଓ ଗଞ୍ଜାମ ଜିଲ୍ଲା ପ୍ରଶାସନ ଆହ୍ୱାନ କ୍ରମେ ଛତ୍ରପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଛତ୍ରପୁର ତହସିଲ ସ୍ତରୀୟ ରାଜସ୍ୱ ମେଳା ଓ ଗ୍ରାମ କଣ୍ଟକ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଓ ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ୩୬୨ଜଣ ହିତାଧୀକାରୀଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ଛତ୍ରପୁର ଅତିରିକ୍ତ ତହସିଲଦାର ସ୍ମୃତି ସୁଦର୍ଶନ ସାହୁ ଓ ମନୋଜ ପ୍ରଧାନ, ଛତ୍ରପୁର ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ଛତ୍ରପୁର ଏନଏସି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ୧୯ନଂ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ନାହାକ, ୨୦ନଂ ଜିଲ୍ଲା ପରିଷଦ ସଭ୍ୟ ଏମ୍. ଧନଞ୍ଜୟ ରେଡ୍ଡୀ, ୨୧ନଂ ଜିଲ୍ଲା ପରିଷଦ ସଭ୍ୟା ଛବିତା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ କାଳିପଲ୍ଲୀ ରାଜସ୍ୱ ନିରୀକ୍ଷକ ସ୍ୱପ୍ନେଶ୍ୱର ପାଳ ସଂଯୋଜନା କରିଥିବାବେଳେ ଛତ୍ରପୁର ତହସିଲର ସମସ୍ତ ଅଧିକାରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

**ଆସିକା,୩।୧(ସମିସ):** ଆସିକା ଥାନା ଝଗଡେଇ-ଗୁଣ୍ଠୁପଡା ରାସ୍ତାରେ ଟ୍ରାକ୍ଟର ସହ ବାଇକ ମୁହାଁମୁହିଁ ଧକ୍କା ଘଟିଛି। ଫଳରେ ବାଇକ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ କେନ୍ଦୁଦର ଗାଁ ନିକଟସ୍ଥ ଆମ୍ବପୁଅ ଗ୍ରାମର ସରୋଜ ରାଉତ। ଦୁର୍ଘଟଣା ପରେ ସରୋଜ ରାସ୍ତା କଡରେ ଗୁରୁତର ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ତାଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାର ପ୍ରକୃତ କାରଣ ଅସ୍ପଷ୍ଟ ରହିଥିବାବେଳେ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରଟି ଫେରାର ହୋଇଯାଇଛି।






### ବୃଦ୍ଧି ହେଲା ମେଡିକାଲ ଓ ପାରା ମେଡିକାଲ ଛାତ୍ରଛାତ୍ରୀଙ୍କ ମାସିକ ଷ୍ଟାଇପେଣ୍ଡ

# ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଲେ ବିଦ୍ୟାର୍ଥୀ

ବ୍ରହ୍ମପୁର,୩।୧(ସମିସ)

'୫-ଟି' ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗତ ଡ଼ିସେମ୍ବର ୧୭ତାରିଖରେ ଏମକେସିଜି ମେଡ଼ିକାଲକୁ ପରିଦର୍ଶନରେ ଆସିଥିଲେ। ଏହି ସମୟରେ ଉଭୟ ମେଡିକାଲ ଓଜ ପାରା ମେଡିକାଲ ଛାତ୍ରଛାତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରି ସେମାନଙ୍କ ବିଭିନ୍ନ ସମସ୍ୟା ସହ ପ୍ରସ୍ତାବ ଗ୍ରହଣ କରିଥିଲେ। ବିଭିନ୍ନ ବର୍ଗର ଛାତ୍ରଛାତ୍ରୀ ଓ କର୍ମଚାରୀ ଦରମା ଓ ଷ୍ଟାଇପେଣ୍ଡ ବୃଦ୍ଧି ନିମନ୍ତେ ଶ୍ରୀ ପଣ୍ଡିଆନଙ୍କ ନିକଟରେ ଦାବି କରିଥିବା ବେଳେ ଖୁବ୍‌ଶୀଘ୍ର ଖୁସିଖବର ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହାର ଠିକ ଦୁଇ ସପ୍ତାହ ମଧ୍ୟରେ ସେମାନଙ୍କ ଦାବି ପୂରଣ ହୋଇଛି। '୫-ଟି' ଅଧ୍ୟକ୍ଷଙ୍କ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିଲେ। ଯାହାକୁ ନେଇ ଛାତ୍ରଛାତ୍ରୀମାନେ ଖୁସି ହେବା ସହ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନର୍ସିଂ, ଫାର୍ମାସୀ ଓ ଏଏନଏମ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡକୁ ଦୁଇଗୁଣା ବୃଦ୍ଧି କରାଯାଇଛି। ସେଥି ମଧ୍ୟରୁ ଡି.ଫାର୍ମା ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ୨୫୦୦ରୁ ୫୦୦୦ଟଙ୍କାକୁ ବୃଦ୍ଧି ହୋଇଥିବାବେଳେ ଏଏନଏମଙ୍କ ଷ୍ଟାଇପେଣ୍ଡ ୧ ହଜାରରୁ ୨ହଜାର, ବିଏସସି ନର୍ସିଂ(ଇଣ୍ଟର୍ନସିପ) ଷ୍ଟାଇପେଣ୍ଡ ୨୫୦୦ରୁ ୫ହଜାର, କ୍ଲିନିକାଲ ସାଇକୋଲୋଜି(ଏମଫିଲ୍) ଓ ସାଇକାଟ୍ରିକ୍ ସୋସିଆଲ ୱାର୍କ(ଏମ.ଫିଲ) ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ୭ହଜାରରୁ ୧୦ହଜାର ଟଙ୍କାକୁ ବୃଦ୍ଧି ହୋଇଛି। ଏହାଦ୍ୱାରା ଚିକିତ୍ସା ସେବାରେ ନିୟୋଜିତ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀଙ୍କ ମନୋବଳ ଦୃଢ ହେବା ସହ ଲୋକଙ୍କୁ ଉନ୍ନତ ସେବା ଯୋଗାଇବା ପାଇଁ ଉତ୍ସାହିତ ହେବେ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତି ଫଳରେ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

### ସେମାନେ ଯାହା କୁହନ୍ତି.......



ଆମର ଷ୍ଟାଇପେଣ୍ଡ ଟଙ୍କା ବୃଦ୍ଧି ହୋଇଛି ଜାଣିବା ପରେ ବହୁତ୍ ଖୁସି। ଏତେ ସ୍ୱଳ୍ପ ଦିନ ମଧ୍ୟରେ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଆମ ଦାବି ପୁରଣ କରିବେ ବୋଲି ଆମର ବିଶ୍ୱାସ ନଥିଲା। କିନ୍ତୁ ଖୁବ କମ ଦିନ ମଧ୍ୟରେ ଆମର ଦିର୍ଘ ଦିନର ଦାବି ପୂରଣ ହୋଇପାରିଛି। ସେଥି ପାଇଁ ରାଜ୍ୟ ସରକାର, ସ୍ୱାସ୍ଥ୍ୟ ବିଭାଗ ଓ ୫ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ୍।

**- ସୁବାଶିଷ ସିଂ(ବିଏସସି ନର୍ସିଂ ଛାତ୍ର)**



ଆମର ମାସିକ ଷ୍ଟାଇପେଣ୍ଡ ଟଙ୍କା ବୃଦ୍ଧି ପାଇଥିବା ଖବର ଶୁଣି ବହୁତ୍ ଖୁସି ଲାଗିଥିଲା। ସରକାରଙ୍କ ଏଭଳି ନିଷ୍ପତିରେ କେବଳ ଆମେ ନୁହଁ ରୋଗୀ ମଧ୍ୟ ଉପକୃତ ହେବେ। ଏହାଦ୍ୱାରା ଅଧିକ ରୋଗୀସେବା ଦେବା ନିମନ୍ତେ ଆମେ ସମସ୍ତେ ଉତ୍ସାହିତ ଅଛୁ।

-ସୁମନ ବେହେରା(ଏଏନଏମ ଛାତ୍ରୀ)



ବିଭିନ୍ନ ସମୟରେ ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଲୋକଙ୍କ ସମସ୍ୟା ବୁଝିବା ସହ ତାହାକୁ ଖୁବଶୀଘ୍ର ସମାଧାନ କରିବାର ମୁଁ ଅନେକ ସମୟରେ ଶୁଣିଛି। କିନ୍ତୁ ତାହା ଆଜି ମୁଁ ନିଜେ ଅନୁଭବ କରିପାରିଛି। ପାଣ୍ଡିଆନ ସାର୍ କେବଳ ପ୍ରତିଶ୍ରୁତି ଦିଅନ୍ତି ନାହିଁ, ତାହାକୁ ସେ କାର୍ଯ୍ୟକାରୀ କରିଥାନ୍ତି। ଆମ କ୍ଷେତ୍ରରେ ତାହା ଆଉ ଏକ ଉଦାହରଣ ମାତ୍ର।-

ମୋନାଲିସା ସୁବୁଦ୍ଧି(ବିଏସସି ନର୍ସିଂ ଛାତ୍ର)



ବହୁତ୍ ବର୍ଷ ପରେ ଆମର ମାସିକ ଷ୍ଟାଇପେଣ୍ଡ ଟଙ୍କା ବୃଦ୍ଧି ପାଇଛି। ସେଥି ପାଇଁ ସମସ୍ତ ଛାତ୍ରୀ ଖୁସି ଅଛୁ। ମୁଁ ଏକ ଗରିବ ପରିବାରରୁ ଆସିଛି। ତେଣୁ ଏହି ବର୍ଦ୍ଧିତ ଟଙ୍କା ମୋର ଅନେକେ କ୍ଷେତ୍ରରେ ସହାୟକ ହେବ। ଏଥି ପାଇଁ ରାଜ୍ୟ ସରକାରଙ୍କୁ ଅଶେଷ ଧନ୍ୟବାଦ।

-ଝିଲି ପ୍ରଧାନ(ଏଏନଏମ ଛାତ୍ରୀ)

## ଟ୍ରାଫିକ ଥାନା ଓ ପ୍ରତିମୂର୍ତ୍ତି ସ୍ଥାନାନ୍ତର ନେଇ ଦାବିପତ୍ର

**ବ୍ରହ୍ମପୁର,୩।୧(ସମିସ):** ସହରର ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ସହିତ ଟ୍ରାଫିକ ଥାନାକୁ ସ୍ଥାନାନ୍ତର କରିବା ପାଇଁ ବ୍ରହ୍ମପୁର ଅତିରିକ୍ତ ଏସପି ଅସୀମ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଦୁଇ ଆଇନଜୀବୀ। ରାଜ୍ୟର ଅନ୍ୟତମ ପୁରୁଣା ସହର ବ୍ରହ୍ମପୁରର ରାସ୍ତା ଅଣସସାରିଆ। ଯେଉଁଥିପାଇଁ ବିଭିନ୍ନ ସମୟରେ ଲୋକଙ୍କ ଯାତାୟତରେ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ଘଟୁଛି। ସେହିଭଳି ସହରର ପୁରୁଣା ବସଷ୍ଟାଣ୍ଡ ନିକଟରେ ଦୀର୍ଘ ବର୍ଷ ଧରି ଟ୍ରାଫିକ କଣ୍ଟ୍ରୋଲ ରୁମ ରହିଥିବା ବେଳେ ସେଠାରେ ଦୁର୍ଘଟଣାଗ୍ରସ୍ତ ଅଥବା ଜବତ ଯାନବାହାନକୁ ରଖାଯାଉଛି। ଏହି କାରଣରୁ ଖୋଦ୍ ଟ୍ରାଫିକ କଣ୍ଟ୍ରୋଲ ରୁମ ବା ଟ୍ରାଫିକ ଥାନରେ କାର୍ଯ୍ୟରତ ପୁଲିସ କର୍ମଚାରୀମାନେ ରାସ୍ତାଉପରେ ନିଜର ଯାନବାହାନ ରଖିବାକୁ ବାଧ ହେଉଛନ୍ତି। ଫଳରେ ସହରର ଅନ୍ୟତମ ପ୍ରମୁଖ ତଥା ଜନଗହଳିପୂର୍ଣ୍ଣ ସ୍ଥାନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଫଳରେ ସହରର ଏହି ପୁରୁଣା ଟ୍ରଶପିକ ଥାନାକୁ ପୁରୁଣା ଗୋଷାଣିନୂଆଗାଁ ଥାନାକୁ ସ୍ଥାନାନ୍ତର କରିବା ସହ କୋର୍ଟପେଟା ଛକ ସ୍ଥିତ ସହୀଦ ଦିବାକର ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ନିକଟସ୍ଥ ଜଗନ୍ନାଥ ମନ୍ଦିର ସଂଲଗ୍ନ ସ୍ଥାନକୁ ସ୍ଥାନ୍ତର କରିବାକୁ ଦାବି ହୋଇଛି। ଏହି ମର୍ମରେ ଆଇନଜୀବୀ ମନୋଜ ପଟ୍ଟନାୟକ ଓ ନଦୀଆଚାନ୍ଦ ବିଶ୍ୱାଳ ଦାବି କରି ଅତିରିକ୍ତ ଏସପି ଅସୀମ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

### ସତ ହୋଇଥିଲେ ସାଂଘାତିକ...

# ବିଜ୍ଞାପନ ହୋର୍ଡିଂରେ ଅଧିକ ଅର୍ଥ ଆଦାୟ!

**ରାଜସ୍ୱ କ୍ଷତି ସହୁଛି ବିଇଏମସି**

**ଅଭିଯୋଗକୁ ବିଗ ସ୍କ୍ରିନ ସଂସ୍ଥାର ଖଣ୍ଡନ**

**ବର୍ଗଫୁଟକୁ ୭୦ଟଙ୍କା ଧାର୍ଯ୍ୟ**

ବ୍ରହ୍ମପୁର,୩।୧(ସମିସ): ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସ୍ଥାନରେ ବିଜ୍ଞାପନ ବାବଦକୁ ହୋର୍ଡିଂ ଲାଗିଛି। ଏଠାରେ ବିଜ୍ଞାପନକୁ ସ୍ଥାନିତ କରିବା ଲାଗି ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ବିଜ୍ଞାପନର ରୂପରେଖକୁ ଆଧାର କରି ଭିନ୍ନ ଭିନ୍ନ ଏଜେନ୍ସି ମଧ୍ୟ ଦାୟିତ୍ୱ ନେଇଛନ୍ତି। ଏଥିନିମନ୍ତେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ପ୍ରତି ତିନିବର୍ଷକୁ ଥରେ ଟେଣ୍ଡର ଆହ୍ୱାନ କରି ହୋର୍ଡିଂର ଦାୟିତ୍ୱ ଏକ ସଂସ୍ଥାକୁ ଦିଆଯାଉଛି। ଏହିକ୍ରମରେ ଗତ ନଭେମ୍ବର ୧୪ ତାରିଖରେ "ବିଗ ସ୍କ୍ରିନ' ନାମକ ଏକ ସଂସ୍ଥାକୁ ବ୍ରହ୍ମପୁର ମହାନଗର ନିଗମ ଅଧିନସ୍ଥ ସମସ୍ତ ଇଲାକାର ବିଜ୍ଞାପନ ହୋର୍ଡିଂ ଲାଇସେନ୍ସ ପ୍ରଦାନ କରାଯାଇଛି। ହୋର୍ଡିଂରେ ବର୍ଗଫୁଟକୁ ୭୦ଟଙ୍କା ଲେଖାଏଁ ଧାର୍ଯ୍ୟ ହୋଇଥିବା ଜଣାଯାଇଛି। ତେବେ ଉକ୍ତ ସଂସ୍ଥା ବିଜ୍ଞାପନଦାତାଙ୍କ ଠାରୁ ଅଧିକ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଉକ୍ତ ସଂସ୍ଥା ବ୍ରହ୍ମପୁର ମହାନଗର ନିଗମର ନିର୍ଦ୍ଦେଶକୁ ବେଖାତିର କରିବା ସହ ଚୁକ୍ତିନାମାରେ ଖିଲାପ କରୁଥିବା ଅଭିଯୋଗ ହୋଇଛି। ଅଧିକ ଟଙ୍କା ନ ଦେଲେ ହୋର୍ଡିଂ କାଢି ଫୋପାଡ଼ି ଦେବାର ଭୟ ବି ଦେଖାଉଥିବା ଅଭିଯୋଗ ହୋଇଛି। ନଭେମ୍ବର ମାସରେ ଟେଣ୍ଡର ପାଇଥିବା ଏହି ସଂସ୍ଥା ପୂର୍ବରୁ ଲାଗିଥିବା ହୋର୍ଡିଂ ଗୁଡ଼ିକ କାଢି ଦେଉଥିବା ଅଭିଯୋଗ ହୋଇଛି। ଏଥିଦ୍ୱାରା ଛୋଟବଡ ବେପାରୀ ସମେତ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନକୁ ଅଯଥାରେ କ୍ଷତି ସହିବାକୁ ପଡୁଛି। ଏମାନଙ୍କଠାରୁ ଅଧିକ ମାତ୍ରାରେ ଟଙ୍କା ଆଦାୟ କରୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁସାରେ ୨୦୨୩ମସିହା ନଭେମ୍ବର ମାସରେ "ବିଗ ସ୍କ୍ରିନ' ନାମକ ସଂସ୍ଥା ସହରର ହୋର୍ଡିଂ ଦାୟିତ୍ୱ ନେଇଥିଲା। ଏହି ସମୟରେ ବିଇଏମସିରେ ସମସ୍ତ ସର୍ତ୍ତାବଳୀକୁ ମାନିବା ଲାଗି ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ସହରର ୩୦୦ରୁ ଉର୍ଦ୍ଧ୍ୱ ସ୍ଥାନରେ ହୋର୍ଡିଂ ଲଗାଇବା ଲାଗି ସ୍ଥାନ ପ୍ରସ୍ତୁତ କରିବା ଓ ପ୍ରତିଟି ସ୍ଥାନରେ ବିଇଏମସି ଲୋଗୋ ରହିବା ବାଧ୍ୟତାମୂଳକ ଥିଲା। କିନ୍ତୁ ଏହି ସଂସ୍ଥା ସମସ୍ତ ନିୟମକୁ ଖିଲାପ କରି ବିଜ୍ଞାପନଦାତାଙ୍କ ଠାରୁ ମୋଟା ଅଙ୍କର ଟଙ୍କା ନେଉଥିବା ସହରରେ ଚର୍ଚ୍ଚା ଜୋର ଧରିଛି। ଏ ଦିଗରେ ଉଚ୍ଚସ୍ତରୀୟ ତଦନ୍ତ କରି ବିଇଏମସି କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଅଧିକ ଅର୍ଥ ଆଦାୟ ଅଭିଯୋଗକୁ ବିଗ୍ ସ୍କ୍ରିନ ସଂସ୍ଥା ପକ୍ଷରୁ ଖଣ୍ଡନ କରାଯାଇଛି। ବିଇଏମସି ପକ୍ଷରୁ ଧାର୍ଯ୍ୟ ହୋଇଥିବା ଟଙ୍କା ହିଁ ଲୋକଙ୍କ ଠାରୁ ଆଦାୟ କରାଯାଉଛି। ସ୍ଥାନ ବଦଳିଲେ ହୋର୍ଡିଂର ରୂପରେଖରେ ପରବର୍ତ୍ତନ କରାଯଉଛି କିନ୍ତୁ ସର୍ତ୍ତରୁ ଅଧିକ ଦରରେ ଟଙ୍କା ଆଦାୟ କରାଯାଉନଥିବା ସଂସ୍ଥା ପକ୍ଷରୁ ସଫେଇ ଦିଆଯାଇଛି। ବିଜ୍ଞାପନକୁ ଅଧିକ ଆକର୍ଷିତ କରିବା ଲାଗି ନୂତନ ପଦ୍ଧତି ଆପଣାଇବା ଲାଗି ସଂସ୍ଥା ଚିନ୍ତା କରୁଛି। ବିଇଏମସି ସ୍ଥାନରେ ଯେ କୌଣସି ବ୍ୟକ୍ତି ଯଦି ବିଜ୍ଞାପନ ଲଗାଇଥାନ୍ତି ତେବେ ସେଗୁଡ଼ିକ ହଟାଯାଉଛି। ଘରୋଇ ସ୍ଥାନରେ ଲାଗିଥିବା ବ୍ୟକ୍ତିଗତ ହୋର୍ଡିଂ ପାଇଁ ସଂସ୍ଥା କୌଣସି ଅର୍ଥ ଆଦାୟ କରୁନଥିବା ପ୍ରତିକ୍ରୀୟାରେ କହିଛନ୍ତି। ସେହିଭଳି ଟେଣ୍ଡର ସର୍ତ୍ତ ମୁତାବକ ପ୍ରତିବର୍ଷ ୧୦ପ୍ରତିଶତ ଟଙ୍କା ବିଇଏମସି ପକ୍ଷରୁ ବୃଦ୍ଧି କରାଯାଉଥିବାରୁ ସଂସ୍ଥା ମଧ୍ୟ ଏ ବିଜ୍ଞାପନ ବାବଦକୁ ଟଙ୍କା ବୃଦ୍ଧି କରିବା ଲାଗି ଚିନ୍ତା କରୁଛି। ଅନ୍ୟପକ୍ଷରେ ଏଦିଗରେ ବ୍ରହ୍ମପୁର ମହାନଗର ନିଗମର ନିୟନ୍ତ୍ରଣ ରହୁନଥିବା ସହରର କିଛି ବୁଦ୍ଧିଜୀବି ଅଭିଯୋଗ କରିଛନ୍ତି। ସଂସ୍ଥାକୁ ଦାୟିତ୍ୱ ଦେବା ପରେ ରାଜସ୍ୱ ବିବରଣୀ ବ୍ୟତୀତ ଅନ୍ୟ ସମସ୍ତ କ୍ଷେତ୍ରରେ ନିଗମ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବା ଯୋଗୁଁ ବ୍ୟବସାୟୀକ ପ୍ରତିଷ୍ଠା ଓ ବିଭିନ୍ନ ସଙ୍ଗଠନକୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଥିବା କୁହାଯାଇଛି। ଏଣେ ସହରକୁ ସବୁଜ, ସୁନ୍ଦର ଓ ମଡ଼ର୍ଣ୍ଣ ସିଟି ରୂପେ ପରିଗଣିତ କରିବାରେ ବିଜ୍ଞାପନର ଗୁରୁତ୍ୱ ଅଧିକ ରହିଥିବା ବେଳେ ଏଥିଲାଗି ନିର୍ଦ୍ଦିଷ୍ଟ ସ୍ଥାନ ଓ ଏହାର ସମସ୍ତ ଦର ସମ୍ପର୍କରେ ବିଇଏମସି ସାର୍ବଜନୀନ କରିବା ଆବଶ୍ୟକ ବୋଲି ଅନେକେ ମତ ଦେଇଛନ୍ତି।

# ଆକ୍ରମଣ ମାମଲାରେ ୩ ଗିରଫ



**ବ୍ରହ୍ମପୁର,୩।୧(ସମିସ):** ଗତ ୨୬ତାରିଖରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ନିମଖଣ୍ଡି ଥାନା ଅନ୍ତର୍ଗତ ବୀରକୃଷ୍ଣଚନ୍ଦ୍ରପୁର ଗ୍ରାମରେ ସଂଘବଦ୍ଧ ଆକ୍ରମଣ ସହ ଜଣେ ଯୁବକଙ୍କ ଉପରକୁ ବୋମାମାଡ ହୋଇଥିଲା। ଏହି ଘଟଣାରେ ଫେରାର ଥିବା ଦୁଇ ଅଭିଯୁକ୍ତଙ୍କୁ ନିମଖଣ୍ଡି ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ନିମଖଣ୍ଡି ଥାନା ଅଞ୍ଚଳର ଆଲୋକ ସାହୁ ଓ ଅନୀଲ ବେହେରା। ସେମାନଙ୍କ ଠାରୁ ଖଣ୍ଡା, କାତି ଓ ମୋଟର ସାଇକଲ୍ ଜବତ କରାଯାଇଛି।

ପୂର୍ବରୁ ଏହି ଘଟଣାରେ ପୁଲିସ ବୀର କୃଷ୍ଣଚନ୍ଦ୍ରପୁର ଗ୍ରାମର ରାଧାମାଧବ ସାହୁ, ବୈଷ୍ଣବ ସାହୁ, ଅଜିତ ସାହୁ, କେ. ସୁରେଶ ଦାସ ଓରଫ ସୁଶୀଲ, ଅମ୍ବିକାନଗର ୨ୟ ଲାଇନର ଏନ. କିରଣ କୁମାର ଓରଫ ରାଣା, ଜରଡା ଥାନା ପେଟୁ ଗ୍ରାମର ବି. ବାସୁ ରେଡ୍ଡି ଓ ବଉଳଝୋଳି ଗ୍ରାମର ବୈଦ୍ୟ ଦାସ ଆଦି ୭ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗିରଫ ବେଳେ ସେମାନଙ୍କ ନିକଟରୁ ପୁଲିସ ଖଣ୍ଡା, ବୋମା ପ୍ରସ୍ତୁତି ପାଇଁ ବ୍ୟବହୃତ ବିସ୍ଫୋରକ ସାମଗ୍ରୀ ଜବତ କରିଥିଲା। ସୂଚନାଯୋଗ୍ୟ ଯେ, ବୀର କୃଷ୍ଣଚନ୍ଦ୍ରପୁର ଗ୍ରାମର ବାବୁଲା ସାହୁ ଓ ତାଙ୍କ ଭାଇ ବୁଲୁ ସାହୁଙ୍କ ସହ ଅଭିଯୁକ୍ତ ଆଲୋକ ସାହୁଙ୍କ ପୂର୍ବରୁ ଶତ୍ରୁତା ରହିଥିଲା। ଗତ ୨୬ତାରିଖ ରାତିରେ ବାବୁଲା ନିଜ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ଆଲୋକ ଏବଂ ତାଙ୍କ ସହଯୋଗୀ ଅନୀଲ ବାବୁଲାଙ୍କୁ ଘେରିଯାଇ ବୋମାମାଡ କରିବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ବାବୁଲାଙ୍କ ମୁଣ୍ଡ ଓ ଗୋଡକୁ ହାଣିବା ଯୋଗୁଁ ସେ ଗୁରୁତର ଆହତ ହୋଇଥିଲେ। ଏହା ଦେଖି ବାବୁଲାଙ୍କ ଭାଇ ବୁଲୁ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ଗୋଡାଇଥିଲେ। ହେଲେ ବୁଲୁ ନିକଟସ୍ଥ ଏକ ଘର ଭିତରକୁ ଦୌଡି ପଳାଇଥିଲେ। ଅଭିଯୁକ୍ତମାନେ ତାଙ୍କ ଘର ଉପରକୁ ୨ଟି ବୋମାମାଡ କରିଥିଲେ। ଘଟଣାକୁ ନେଇ ବାବୁଲାଙ୍କ ସ୍ତ୍ରୀ ଓ ବୁଲୁଙ୍କ ସ୍ତ୍ରୀ ନିମଖଣ୍ଡି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୨ଟି ମାମଲା ରୁଜୁ କରି ଉପରୋକ୍ତ ୭ଜଣଙ୍କୁ ଗିରଫ କରିଥିଲା। ତେବେ ଆଲୋକ ଓ ଅନୀଲ ଗଯଣା ପରଠାରୁ ଫେରାର ଥିଲେ। ମଙ୍ଗଳବାର ପୁଲିସ ଆଲୋକ ଓ ଅନୀଲକୁ ନିମଖଣ୍ଡି ଥାନା ଅଞ୍ଚଳରୁ ଗିରଫ କରିଥିବା ପୁଲିସ କହିଛି। ସେହିଭଳି ଆକ୍ରମଣ ଅଭିଯୋଗରେ ବଡବଜାର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଶ୍ରୀରାମ ନଗର ଅଞ୍ଚଳର ଟିକିନା ପାତ୍ର(୪୦)।

ସୂଚନାଯୋଗ୍ୟ ଯେ,୨ତାରିଖ ରାତି ପ୍ରାୟ ୮ଟା ସମୟରେ ଶ୍ରୀରାମ ନଗର ୨ୟ ଲାଇନ ନିବାସୀ ତୋଫାନ ସାହୁ(୪୫) ନାମକ ଜଣେ ବ୍ୟକ୍ତିକୁ ପଡ଼ୋଶୀ ଘରେ ରହୁଥିବା ଟିକିନା ପାତ୍ର ମଦ୍ୟପାନ କରି ଆସି କୌଣସି କଥାକୁ ନେଇ ପାଟିତୁଣ୍ଡ କରିଥିଲା। ପରେ ଟିକିନା ମାରଣାସ୍ତ୍ରରେ ତୋଫାନକୁ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିଲା। ଗୁରୁତର ତୋଫାନ ଚିକିତ୍ସିତ ହୋଇ ଫେରିବା ପରେ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଟିକିନାକୁ ଗିରଫ କରିଛି।

## ଆକାଉଣ୍ଟ ବ୍ଲକ୍ ହେବା ଆଳରେ ଲକ୍ଷାଧିକ ଟଙ୍କା ଠକି ନେଲା ସାଇବର ଠକ

**ବ୍ରହ୍ମପୁର,୩।୧(ସମିସ):** ସାଇବର ଅପରାଧ ନେଇ ପୁଲିସ ପକ୍ଷରୁ ଜାରି ରହିଛି ସଚେତନତା। ତଥାପି ନିୟମିତ ବ୍ୟବଧାନରେ ଲୋକେ ଠକେଇର ଶୀକାର ହେଉଛନ୍ତି। ସ୍ଥାନୀୟ ଲାଞ୍ଜିପଲ୍ଲୀ କେଶବନଗର ନିବାସୀ ନରସିଂହ ମହାନ୍ତି ସାଇବର ଠକେଇର ଶିକାର ହୋଇଛନ୍ତି। ନରସିଂହଙ୍କ ବ୍ୟାଙ୍କ ଜମାରୁ ସାଇବର ଠକ ଲୁଟିନେଇଛନ୍ତି ୧ଲକ୍ଷ ୯୦ହଜାର ଟଙ୍କା। ଏନେଇ ସେ ଗତ ମଙ୍ଗଳବାର ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମିଳିଥିବା ସୂଚନା ପ୍ରକାରେ କିଛିଦିନ ପୂର୍ବେ ନରସିଂହଙ୍କ ମୋବାଇଲକୁ ଏକ ମେସେଜ ଆସିବା ସହ ଷ୍ଟେଟବ୍ୟାଙ୍କ ଯୋନୋ ଆକାଉଣ୍ଟ ବ୍ଲକକୁ ରୋକିବାକୁ ହେଲେ ପାନକାର୍ଡ ଓ କେୱାଇସି ଅପଡେଟ କରିବାକୁ ମେସେଜରେ ଉଲ୍ଲେଖ ରହିଥିଲା। ସେହିକ୍ରମରେ ନରସିଂହ ମେସେଜ ସହ ଆସିଥିବା ଲିଙ୍କରେ କ୍ଲିକ କରିଥିଲେ। ଏହାପରେ ତାଙ୍କ ମୋବାଇଲରେ ଏକ ଅନଲାଇନ ପେଜ ଖୋଲିବା ସହ ନରସିଂହଙ୍କ ସେଥିରେ ନିଜ ଯୋନୋ ଆକାଉଣ୍ଟର ୟୁଜର ନେମ ଓ ପାସୱାର୍ଡ ଦେଇଥିଲେ। ପରେ ଆଉ ଏକ ପେଜ ଖୋଲିବା ସହ ନରସିଂହ ସେଥିରେ ନିଜର ପାନକାର୍ଡ ନମ୍ବର, ଜନ୍ମ ତାରିଖ ଆଦି ତଥ୍ୟ ଦାଖଲ କରିଥିଲେ। ପୁଣି ତାଙ୍କ ଲୋନ ଆକାଉଣ୍ଟରୁ ପ୍ରଥମେ ୨୫ହଜାର ଓ ପରେ ୫୦୦୦ଟଙ୍କା କଟିଯାଇଥିଲା। ଏହାପରେ ତାଙ୍କ ନିକଟକୁ ଏକ କଲ ଆସିଥିଲା। କଟିଯାଇଥିବା ଟଙ୍କା ଫେରି ପାଇବାକୁ ହେଲେ ମୋବାଇଲକୁ ଯାଇଥିବା ଓଟିପି ଦେବାକୁ କୁହାଯାଇଥିଲା। ନରସିଂହ ଓଟିପି ଦେବା ପରେ ତାଙ୍କ ମୁଖ୍ୟ ବ୍ୟାଙ୍କ ଆକାଉଣ୍ଟରୁ ପୁଣି ୪୯ହଜାର ୯୯୯ଟଙ୍କା କଟିଯାଇଥିଲା। ଏହାପରେ ୪୫ହଜାର, ତା' ପରେ ୪୫୦୦ଟଙ୍କା କଟିଥିଲା। ଏହାର କିଛି ସମୟ ପରେ ପୁଣି ୫୦ହଜାର ଓ ତା' ପରେ ୧୦ହଜାର ୫୦୦ଟଙ୍କା କଟିଯାଇଥିଲା। ଏହିପରି ତାଙ୍କ ୨ଟି ଆକାଉଣ୍ଟରୁ ମୋଟ ୧ଲକ୍ଷ ୯୦ହଜାର ଟଙ୍କା କଟିଥିଲା। ଏନେଇ ନରସିଂହ ଷ୍ଟେଟବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିବା ସହ ଜାତୀୟ ସାଇବର କ୍ରାଇମ ସୂଚନା କେନ୍ଦ୍ର ନିକଟରେ ଅଭିଯୋଗ କରିବା ସହ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ବିଭିନ୍ନ ଦିଗରୁ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ପୁଲିସ ସାଇବର ଅପରାଧ ଉପରେ ସଚେତନ କରିଆସୁଛି। ପୁଲିସର ବାରମ୍ବାର ସଚେତନତା ପରେ ମଧ୍ୟ ଲୋକେ ଏଭଳି ଠକେଇର ଶିକାର ହେଉଥିବା ଦେଖିବାକୁ ମିଳିଛି।

## ଅନ୍ତର୍ଜାତୀୟ ପ୍ରଦର୍ଶନୀରେ ପ୍ରଦର୍ଶିତ ହେବ ବ୍ରହ୍ମପୁର ଆଇଟିଆଇ ନିର୍ମିତ କୋଣାର୍କଚକ୍ର

**ବ୍ରହ୍ମପୁର,୩।୧(ସମିସ):** ବ୍ରହ୍ମପୁର ସରକାରୀ ଆଟିଆଇ ଦ୍ୱାରା ନିର୍ମିତ କୋଣାର୍କ ଚକ୍ର ସର୍ବଭାରତୀୟ ସ୍ତରରେ ରନର୍ସଅପ୍ ପୁରସ୍କାର ପାଇଁ ଚୟନ ହୋଇଛି। ଯାହାକି ଆସନ୍ତା ଜାନୁୟାରୀ ୨୨ତାରିଖରେ ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ୱେଲଡ଼ିଂ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ପୁରସ୍କାର ଆଇଟିଆଇକୁ ମିଳିବ। ଏହି କୋଣାର୍କ ଚକ୍ର ୬ଫୁଟ ଡାୟାମିଟର ହୋଇଥିବା ବେଳ ପ୍ରାୟ ୧୦୦କେଜି ଓଜନ ରହିଛି। ଏହାକୁ ବାଇକ୍ ଚେନ, ଫେନ୍ ବ୍ୟାରିଂ, ବାଇକ୍ ଗେର୍ ଆଦି ବର୍ଜ୍ୟବସ୍ତୁରେ ନିର୍ମାଣ କରାଯାଇ ସୁନ୍ଦର ଭାବେ ରଙ୍ଗ ଦିଆଯାଇଛି। ଆସନ୍ତା ଜୁଲାଇ ୧୨ରୁ ୧୭ତାରିଖରେ ଗ୍ରୀସ୍‌ରେ ଆନ୍ତର୍ଜାତୀୟ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଯେଉଁଥିରେ ୫୧ଟି ଦେଶ ଭାଗ ନେବାର କାର୍ଯ୍ୟକ୍ରମ ରହିଥିବା ବେଳେ ବ୍ରହ୍ମପୁର ସରକାରୀ ଆଟିଆଇ ଦ୍ୱାରା ନିର୍ମିତ କୋଣାର୍କ ଚକ୍ର ମଧ୍ୟ ସେଥିରେ ସ୍ଥାନ ପାଇଛି। ଏଭଳି ସଫଳତାକୁ ନେଇ ଅନୁଷ୍ଠାନର ଅଧ୍ୟକ୍ଷ ଡ.ରଜତ କୁମାର ପାଣିଗ୍ରାହୀ କୋଣାର୍କ ଚକ୍ର ନିର୍ମାଣ କରିଥିବା ଶିକ୍ଷକ ଓ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରଶଂସା କରିଛନ୍ତି।

## 'ଆମ ହସପିଟାଲ' ଯୋଜନାରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ତଦାରଖ

**ବ୍ରହ୍ମପୁର,୩।୧(ସମିସ):** ୫"ଟି' ଅଧୀନରେ ସିଟି ହସ୍ପିଟାଲରେ ଚାଲିଥିବା "ଆମ ହସପିଟାଲ' ନିର୍ମାଣ କାର୍ଯ୍ୟକୁ ବୁଧବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ତଦାରଖ କରିଛନ୍ତି। ଶ୍ରପରିଡ଼ା ହସପିଟାଲରେ ପହଞ୍ଚି ନିର୍ମାଣଧୀନ ପଞ୍ଜିକରଣ କୋଠା, ଔଷଧ ବିତରଣ କେନ୍ଦ୍ର(ଡ଼ିଡ଼ିସି), ରୋଷେଇଶାଳ ଓ ପାର୍କିଂ ସ୍ଥାନ ସମେତ ଅନ୍ୟାନ୍ୟ ନିର୍ମାଣକାର୍ଯ୍ୟ ପରିଦର୍ଶନ କରିଥିଲେ। କିଛି କାମ ସରିଥିବା ବେଳେ କିଛି କାମ ଚାଲୁ ରହିଛି। ତେଣୁ ୧୦ଦିନ ମଧ୍ୟରେ ସମସ୍ତ ନିର୍ମାଣକାର୍ଯ୍ୟ ଶେଷ କରିବାକୁ ଜିଲ୍ଲାପାଳ ଶ୍ରୀପରିଡ଼ା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ହସ୍ପିଟାଲର ବିଭିନ୍ନ ସ୍ଥାନରେ ସଠିକ ଭାବରେ ଆଲୋକୀକରଣ କରିବାକୁ ଉପସ୍ଥିତ ସାଧାରଣ ବିଦ୍ୟୁତ ବିଭାଗ(ଜିଇଡି) ଯନ୍ତ୍ରୀଙ୍କୁ କହିଥିଲେ। ପରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗକୁ ଯାଇ ମେଡ଼ିକାଲରେ ମିଳୁଥିବା ଚିକିତ୍ସା ସମ୍ପର୍କରେ ବିଭିନ୍ନ ରୋଗୀଙ୍କୁ ପଚାରି ବୁଝିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଉମାଶଙ୍କର ମିଶ୍ର, ସିଟି ହସ୍ପିଟାଲ ଅଧୀକ୍ଷକ ଡ଼ା. ବିଶ୍ୱମ୍ବର ବେହେରା, ବିଡ଼ିଏ ଉପାଧ୍ୟକ୍ଷ ତଥା ଆମ ହସ୍ପିଟାଲର ନୋଡ଼ାଲ ଅଫିସର ସମ୍ବିତ ରାଉତ, ଡ଼ିପିଏମ ଶ୍ୟାମସୁନ୍ଦର ତ୍ରିପାଠୀ, ହସ୍ପିଟାଲ ମ୍ୟାନେଜର ଡ଼ି. ବ୍ରଜରାଜ ଓ କବିତା ମଞ୍ଜରୀ ପଲାଇଙ୍କ ସମେତ ପୂର୍ତ୍ତବିଭାଗ, ସାଧାରଣ ବିଦ୍ୟୁତ ବିଭାଗ, ୱାଟକୋର ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଜିଲ୍ଲାରେ "ଆମ ହସ୍ପିଟାଲ' ଯୋଜନାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଓ ଜିଲ୍ଲା ସଦର ଚିକିତ୍ସାଳୟ ଭଳି ୧୩ଟି ସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନର ଭିତ୍ତିଭୂମିର ବିକାଶ, ରୋଗୀମାନଙ୍କର ମୌଳିକ ଆବଶ୍ୟକତା ଓ ସେବାପ୍ରଦାନ ନିମନ୍ତେ ବିଭିନ୍ନ ଉନ୍ନତିକରଣ କାର୍ଯ୍ୟ ଚାଲୁରହିଛି।

## ୩୩ତମ ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ ଉଦ୍‌ଘାଟିତ



**ବ୍ରହ୍ମପୁର,୩।୧(ସମିସ):** ହିଲପାଟଣା ସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ବୁଧବାର ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ ପକ୍ଷରୁ ସପ୍ତମ ରାଜ୍ୟସ୍ତରୀୟ ତଥା ୩୩ତମ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଉକ୍ତ ମହୋତ୍ସବ ଅନୁଷ୍ଠିତ ହେଉଛି। ସଭାପତି କେ.ବଳରାମ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମହୋତ୍ସବର ପ୍ରଥମ ଦିବସରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ସେହିପରି ସମ୍ମାନିତ ଅତିଥିଭାବେ ଜିଲ୍ଲା ଯୋଜନା ବୋଡର୍ ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ନାଟ୍ୟବିତ୍ତ ପ୍ରଫେସର ମେଜର ରମା ରମଣ ପାଢ଼ୀ, ବରିଷ୍ଠ ଗୀତିକାର ଡା.ତିରୁପତି ସାହୁ, ବରିଷ୍ଠ ନାଟ୍ୟବିତ୍ତ ଇଂ.ଅପୂର୍ବ ପଟ୍ଟନାୟକ,

### ପ୍ରଥମ ସନ୍ଧ୍ୟାରେ ମନ ମୋହିଲା ନାଟକ 'ପ୍ରତିଶୋଧ'

ଓଡିଶା କାଜୁ ନିଗମର ଅଧ୍ୟକ୍ଷ ସୁବାସ ମହାରଣା, ଅନୁଷ୍ଠାନର ସାଧାରଣ ସମ୍ପାଦକ ରମେଶ ମହାରଣା, କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ଉପସଭାନେତ୍ରୀ କିରଣବାଳା ମିଶ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ନାଟକ ମହୋତ୍ସବ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ମହୋତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ରାଜଗୋପାଳ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଶେଷରେ ସୀମାଞ୍ଚଳ ବେହେରା ଅତିଥି ଆବାହନ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ସଦସ୍ୟ ସ୍ୱର୍ଗତ ସିଏଚ. ଦୁର୍ଗାରାଓ ଆଚାରୀଙ୍କ ସ୍ମୃତିଚାରଣ କରି ଅନୁଷ୍ଠାନର ସ୍ମରଣୀକା "ନାଟ୍ୟପ୍ରଭା" ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପ୍ରଥମ ଦିବସରେ ଖୋର୍ଦ୍ଧା ଆଦର୍ଶ କଳାକାର ନାଟ୍ୟ ଅନୁଷ୍ଠାନ ପକ୍ଷରୁ ପରିବେଷିତ ନାଟକ "ପ୍ରତିଶୋଧ' ଉପସ୍ଥିତ ଦର୍ଶକଙ୍କ ମନ ମୋହିଥିଲା। ନାଟକକୁ ରମେଶ ପରିଡା ରଚନା କରିଥିବା ବେଳେ ରତ୍ନାକର ପ୍ରଧାନ ନିର୍ଦ୍ଦେଶନା ଦେଇଥିଲେ।

# ଦୁଇ ମହାବିଦ୍ୟାଳୟର ହେବ ସ୍ୱତନ୍ତ୍ର ଅଡିଟ୍






- କୋଭିଡ୍ ସମୟରେ ହୋଇପାରିନି ବିଭିନ୍ନ ଶିକ୍ଷାନୁଷ୍ଠାନର ବାର୍ଷିକ ଅଡିଟ୍
- ନିର୍ଦ୍ଧାରିତ ସମୟରେ ଅଡିଟ୍ ଶେଷ କରିବାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶ

ବ୍ରହ୍ମପୁର,୩।୧(ସମିସ)

ସରକାରୀ ଶିକ୍ଷାନୁଷ୍ଠାନ ଗୁଡିକର ବାର୍ଷିକ ତଥା ନିୟମିତ ଆର୍ଥିକ ଅଡିଟ ବା ଯାଞ୍ଚ ହେବାର ବିଧି ରହିଛି। ତେବେ କୋଭିଡ କଟକଣା ଯୋଗୁଁ ରାଜ୍ୟର ବହୁ ଶିକ୍ଷାନୁଷ୍ଠାନ ଗୁଡିକର ବର୍ଷ ବର୍ଷ ଧରି ଅଡିଟ ହୋଇପାରିନଥିବା ଜଣାପଡିଛି। ଏହି କ୍ରମରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନର ସ୍ୱତନ୍ତ୍ର ଅଡିଟ କରିବାକୁ ପୃଥକ ପୃଥକ ନର୍ଦ୍ଦେଶନାମା ଜାରି କରିଛନ୍ତି। ଏଥି ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଆର୍ଥିକ ଅନିୟମିତତା ବା ହେରଫେର ଅଭିଯୋଗ ଆସିବା ପରେ ମଧ୍ୟ କିଛି ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନର ଅଡିଟ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବ୍ରହ୍ମପୁର ସ୍ଥିତ ଶଶୀଭୂଷଣ ରଥ ସରକାରୀ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପୂର୍ବତନ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସମୟରେ ହୋଇଥିବା ଆର୍ଥିକ କାରବାରର ସ୍ୱତନ୍ତ୍ର ଅଡିଟ କରି ୧୦ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହିଭଳି ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ଏସ.କେ.ସି.ଜି ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦୧୮-୧୯ ଠାରୁ ୨୦୨୨-୨୩ ଆର୍ଥିକ ବର୍ଷର ସ୍ୱତନ୍ତ୍ର ଅଡିଟ କରାଯିବ। ପୂର୍ବରୁ ଜୁଲାଇ ମାସରେ ଅଡିଟ ପାଇଁ ଆସିଥିବା ଅଡିଟରଙ୍କୁ ତତ୍କାଳୀନ ଅଧ୍ୟକ୍ଷ କୌଣସି କାରଣରୁ ଏଥିରେ ସହଯୋଗ କରିନଥିବାରୁ ଅଡିଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ବର୍ତ୍ତମାନ ପୁଣି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅଡିଟର ନିଯୁକ୍ତ କରି ନିର୍ଦ୍ଧାରିତ ସମୟ ମଧ୍ୟରେ ଅଡିଟ ଶେଷ କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ଏଥିରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କୁ ସମସ୍ତ ସହଯୋଗ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷେ ଗଞ୍ଜାମ ଜିଲ୍ଲା ଛତ୍ରପୁର ସ୍ଥିତ ସରକାରୀ ବିଜ୍ଞାନ ଡିଗ୍ରୀ ମହାବିଦ୍ୟାଳୟରେ ଅନୁରୁପ ଭାବେ ୨୦୧୯-୨୦ ଓ ୨୦୨୨-୨୩ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଡିଟ କରାଯିବ। ଏହି ସମୟ ସୀମା ମଧ୍ୟରେ କଲେଜରେ ଯଥାକ୍ରମେ ଡଃ ସୌଭାଗ୍ୟ କୁମାର ସାହୁ, ଡଃ ପିଙ୍କିରାଣୀ ଦେଇ, ଶ୍ରୀ କିଶୋର କୁମାର ବେହେରା ଅଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇ ସାରିଥିବା ବେଳେ ନିକଟରେ ଡଃ ପ୍ରମୋଦ କୁମାର ତ୍ରିପାଠୀ କଲେଜର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆସନ୍ତା ୫ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଏହି ସ୍ୱତନ୍ତ୍ର ଅଡିଟ ପାଇଁ ଜିତେନ୍ଦ୍ର କୁମାର ଖୁଣ୍ଟିଆ ଓ ବିଶ୍ୱଜିତ ସୁନ୍ଦରାୟ ଦୁଇଜଣ ଅଡିଟରଙ୍କୁ ନିଯୁକ୍ତି ଦିଆଯାଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଅଡିଟ ଶେଷ କରି ଉଚ୍ଚଶିକ୍ଷା ବିଭାଗକୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେ;ଶନାମାରେ ସ୍ପଷ୍ଟ ଉଲ୍ଲେଖ ରହିଛି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

# ରୋଗୀଙ୍କୁ ନିମ୍ନମାନର ଖାଦ୍ୟ ବଣ୍ଟନ !

**ପାରଳାଖେମୁଣ୍ଡି,୩।୧(ସମିସ)**



ପାରଳାଖେମୁଣ୍ଡିରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ୟାପକ ଅବ୍ୟବସ୍ଥା ରହିଥିବା ଜଣାପଡ଼ିଛି। ରୋଗୀଙ୍କୁ ଦୈନନ୍ଦିନ ଦିଆଯାଉଥିବା ଖାଦ୍ୟ ଅତି ନିମ୍ନମାନର ହୋଇଥିବାର ଅଭିଯୋଗ ହୋଇଛି। ମୋଟା ଚାଉଳ ରନ୍ଧା ହେଉଥିବା ବେଳେ ଏହା ଦରସିଝା ରହୁଛି। ଯେଉଁ ଡାଲି ଦିଆଯାଉଛି ତାହା ରଙ୍ଗ ବା ହଳଦି ପାଣି ରଙ୍ଗର ବୋଲି କହିଛନ୍ତି ରୋଗୀ ତଥା ତାଙ୍କ ସମ୍ପର୍କୀୟମାନେ। ସେହିପରି ତରକାରୀରେ କ'ଣ ପରିବା ପଡୁଛି ତାହା କହିବା ବା ଚିହ୍ନିବା ମୁସ୍କିଲ ବୋଲି ରୋଗୀ କହୁଛନ୍ତି। ଏପରି ଖାଦ୍ୟ ଖାଇ ରୋଗୀ ଆହୁରି ରୋଗାକ୍ରାନ୍ତ ହେଉଥିବା ଅଭିଯୋଗ କରିଛନ୍ତ। ବିଶେଷ କରି ଦୂରଦୂରାନ୍ତ ତଥା ଗ୍ରାମାଞ୍ଚଳରୁ ଆସୁଥିବା ରୋଗୀମାନେ ଅଧା ଖାଇ ଅଧା ଫୋପାଡୁଛନ୍ତି। ବହୁ ରୋଗୀ ମାନେ ଏପରି ନିମ୍ନମାନର ଖାଦ୍ୟ ନ ଖାଇ ଡଷ୍ଟବିନ୍‌ରେ ପକାଇଦେଉଥିବା ଦେଖିବାକୁ ମିଳୁଛି। ସେହିପରି ଏହି ଚିକିତ୍ସାଳୟରେ ଦିଆଯାଉଥିବା ଜଳଖିଆ ମଧ୍ୟ ଅତି ନିମ୍ନମାନର ବୋଲି ଅଭିଯୋଗ କରିଛନ୍ତି। ଅନ୍ୟାନ୍ୟ ଚିକିତ୍ସାଳୟରେ ପାଉଁରୁଟି, କ୍ଷୀର, ସିଝା ଅଣ୍ଡା ଆଦି ପ୍ରଦାନ କରାଯାଉଥିବାବେଳେ ଏଠାରେ ଏସବୁ ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ସେହିପରି ସମୟ ଅନ୍ତରରେ ଶୌଚାଳୟ ସଫା ସୁତୁରା କରିବା କଥା, ହେଲେ ଏଠାରେ ଏହା ପରିଲକ୍ଷିତ ହେଉନାହିଁ। ଏନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଛନ୍ତି, ଚିକିତ୍ସାଳୟଟି ସମସ୍ତ ବ୍ୟବସ୍ଥା ମଧ୍ୟରେ ଚାଲୁ ରହିଛି। କୌଣସି ସମସ୍ୟା ନାହିଁ। ପ୍ରକୃତପକ୍ଷେ ଚିକିତ୍ସାଳୟ ମଧ୍ୟକୁ ଯାଇ ଦେଖିଲେ ସମସ୍ତ ବାସ୍ତବ ଚିତ୍ର ସାମନାକୁ ଆସୁଛି।

## ତାଳଗୁଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ନେଇ ଖୁସିର ଲହରୀ

**ପାରଳାଖେମୁଣ୍ଡି,୩।୧(ସମିସ):** ରାଜ୍ୟରେ ଗଜପତି ଜିଲ୍ଲା ତାଳଗୁଡ ଉତ୍ପାଦନର ବୃହତ୍ତମ କେନ୍ଦ୍ର। ଆଜି ଏହି ପ୍ରସିଦ୍ଧ ତାଳଗୁଡକୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଥିବାରୁ ଜିଲ୍ଲାର ବିଭିନ୍ନ ମହଲରେ ଖୁସିର ଲହରୀ ଖେଳିଯାଇଛି। ଏଥିସହ ରାଜ୍ୟ ସରକାରଙ୍କ ତାଳଗୁଡ ଉତ୍ପାଦନ କ୍ଷେତ୍ରରେ ନେଇଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା ମଧ୍ୟ କରାଯାଉଛି। ଯାହାରି ଫଳରେ ଗଜପତି ଜିଲ୍ଲା ଏହି ସଫଳତା ହାସଲ କରି ଆହୁରି ପ୍ରସିଦ୍ଧ ଲାଭ କରିଥିବା ଆଲୋଚନା ହେଉଛି। ବିଶେଷ କରି ଜିଲ୍ଲାର ଆଦିବାସୀ ଅଞ୍ଚଳରେ ବହୁ ପରିମାଣରେ ତାଳ ଓ ଖଜୁରୀ ଗଛ ରହିଛି। ବହୁ ପୂର୍ବରୁ ଏହି ଆଦିବାସୀ ବହୁଳ ଅଞ୍ଚଳରେ ଲୋକେ ନିଜ ନିଜର ଜୀବିକା ନିର୍ବାହ ତଥା ଭରଣପୋଷଣ ନିମନ୍ତେ ତାଳ କିମ୍ବା ଖଜୁରୀ ରସରେ ଗୁଡ ପ୍ରସ୍ତୁତ କରିଆସୁଥିଲେ। ଏହି କାର୍ଯ୍ୟକଳାପର ନିଯୁକ୍ତି ସମ୍ଭାବନାକୁ ହୃଦୟଙ୍ଗମ କରି ଗ୍ରାମ ଅଞ୍ଚଳରେ ପ୍ରାଥମିକ ସମବାୟ ସମିତି ସଂଗଠିତ ହୋଇଥିଲା ଏବଂ ଉତ୍ପାଦନ ବ୍ୟାପକ ପରିମାଣରେ ଆରମ୍ଭ ହୋଇଥିଲା। ରାଜ୍ୟ ସରକାର ୧୯୫୯ ମସିହାରେ ଆପେକ୍ସ କୋଅପରେଟିଭ ଫେଡେରେସନ୍ (ଓଡ଼ିଶା ରାଜ୍ୟ ତାଳଗୁଡ ସମବାୟ ସଂଗଠନ) ପ୍ରତିଷ୍ଠା କରି ସମଗ୍ର ରାଜ୍ୟରେ ପାମଗୁର କାର୍ଯ୍ୟକଳାପକୁ ବିସ୍ତାର କରିବାର ଏକମାତ୍ର ଉଦ୍ଦେଶ୍ୟରେ ଆରମ୍ଭ କରିଥିଲେ। ତଦ ଅନୁଯାୟୀ ଗଜପତି ଜିଲ୍ଲାର ବିଶେଷ କରି ଚାରି ଗୋଟି ବ୍ଲକ ଯଥା ମୋହନା, ରା.ଉଦୟଗିରି, ନୂଆଗଡ, ରାୟଗଡରେ ପ୍ରାୟ ୧୫ରୁ ଉର୍ଦ୍ଧ ଗ୍ରାମରେ ୪୦୦ରୁ ଅଧିକା ଚାଷୀ-କାରିଗର ପ୍ରାୟ ନଅ ଗୋଟି ଓଡିଶା ତାଳଗୁଡ ସମବାୟ ସମିତି ସଂଘର ସଦସ୍ୟ ରହିଛନ୍ତି।

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ




**କାଶୀନଗର,୩।୧(ସମିସ):** କାଶୀନଗର ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ କାଶୀନଗର ବ୍ଲକ ତରଫରୁ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ବ୍ଲକର ୧୩ଟି ପଞ୍ଚାୟତ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଖେଳାଳି ମାନଙ୍କୁ ନେଇ ଖେଳ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ବି. ସାୟାମ୍ମା, ଉପାଧ୍ୟକ୍ଷ ଏସ. କଲ୍ୟାଣୀ, ଏନଏସି ଅଧ୍ୟକ୍ଷା ଏମ. ସୁଧାରାଣୀ, ଉପାଧ୍ୟକ୍ଷ ରଘୁରାମ ସାହୁ, ଏନଏସି ନିର୍ବାହୀ ଅଧିକାରୀ ଭଗବତ ସାହୁ, ଥାନା ଅଧିକାରୀ ଗୋବିନ୍ଦ ଗୌଡ଼, ବିଇଓ ଆଦିକନ୍ଦ ଗମାଙ୍ଗ, ବାରାଣସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭି. କୃମାନାଧମ୍ ପ୍ରମୁଖ ଉପସ୍ଥିତ ହୋଇ ମଞ୍ଚାସିନ ଥିଲେ। ବିଡିଓ ଅନୁପ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରତିଯୋଗିତା ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ଚାଲିବ।

## ଯାତ୍ରୀ ବିଶ୍ରାମାଗାର ଅଧପନ୍ତରିଆ



**ଜି.ଉଦୟଗିରି,୩।୧(ସମିସ):** ଜି.ଉଦୟଗିରି ସହରରେ ଯାତ୍ରୀ ବିଶ୍ରାମଗାରଟିଏ ନଥିବା କାରଣରୁ ଅନେକ ସମାଲୋଚନାର ଶିକାର ହେବା ପରେ କିଛି ମାସ ପୂର୍ବରୁ ଜି.ଉଦୟଗିରି ତହସିଲ ସଂଲଗ୍ନ ପାଚେରି ନିକଟରେ ଆରମ୍ଭ ହୋଇଥିଲା ଯାତ୍ରୀ ବିଶ୍ରାମଗାର କାମ। କିନ୍ତୁ ଆଜି ପଯ୍ୟନ୍ତ ସଂପୂର୍ଣ୍ଣ ହୋଇପାରିଲା ନାହିଁ। ମାସ ମାସ ଧରି କାମ ବନ୍ଦ ରହିବା ଫଳରେ ଏବେ ଏହା ପରିସ୍ରାଗାର ପାଲଟିଗଲାଣି। ତହସିଲ କାଯ୍ୟଳୟକୁ ଲାଗି ନିର୍ମାଣାଧିନ ଏହି ଯାତ୍ରୀ ବିଶ୍ରାମଗାର ଯେଉଁ ଉଦ୍ଦେଶ୍ୟ ନେଇ ନିର୍ମାଣ ହେଉଥିଲା ସେ ଉଦ୍ଦେଶ୍ୟ ପୂରଣ ହେଲାନି। ଓଲଟା ଦୁର୍ଗନ୍ଧରେ ନାକ ଫାଟି ପଡୁଥିବାବେଳେ ନିକଟରେ ଥିବା ଥଣ୍ଡା ୟପାନୀୟ ଜଳକୁ ବ୍ୟବହାର କରିବାକୁ ଲୋକେ ନାକ ଟେକିଲେଣି। ଜି.ଉଦୟଗିରି ସହରରେ ଖରା ବର୍ଷା ଶୀତରୁ ରକ୍ଷା ପାଇବାକୁ ଯାତ୍ରୀ ବିଶ୍ରାମାଗାରଟିଏ ନଥିବା ଯୋଗୁ ଯାତ୍ରୀ ନାହିଁ ନଥିବା ହଇରାଣ ହେଉଥିବା ବେଳେ ଅତ୍ୟାବଶ୍ୟକ ହେଉଥିବା ଏହି କାର୍ଯ୍ୟ ସଂପୂର୍ଣ୍ଣ କରିବାରେ ଏତେ ମନ୍ଥରତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏହାକୁ ଅଗ୍ରାଧିକାର ଭିତ୍ତିରେ ସଂପୂର୍ଣ୍ଣ କରିବାକୁ ଦାବି ହୋଇଛି।

● କୋଠା ମିଳୁନି

## ମୋ ସେବା କେନ୍ଦ୍ର ସୁବିଧାରୁ ବଞ୍ଚିତ ଲୋକେ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୩।୧(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକରେ ଥିବା ପ୍ରତ୍ୟେକ ପଞ୍ଚାୟତ ନିମନ୍ତେ ଗୋଟିଏ ଗୋଟିଏ ସେବା କେନ୍ଦ୍ର ଥିବା ବେଳେ ବ୍ରାହ୍ମଣୀଗାଁ ପଞ୍ଚାୟତ ପାଇଁ ଏହି ସେବା କେନ୍ଦ୍ର ପାଇଁ ବୀରେନ୍ଦ୍ର କୁମାର ସାହୁକୁ ଅନୁମତି ଦିଆଯାଇଛି। ହେଲେ ପଞ୍ଚାୟତ ପରିସରରେ ଘର ଦିଆଯାଇନି ତାଙ୍କୁ।




ଫଳରେ ଦୁଇ ବର୍ଷ ହେଲାଣି ଆଜି ଯାଏ ବ୍ରାହ୍ମଣୀଗାଁ ପଞ୍ଚାୟତ ଠାରେ ମୋ ସେବା କେନ୍ଦ୍ର ସୁବିଧା ସାଧାରଣ ଜନତା ପାଇବାରେ ବଞ୍ଚିତ ରହୁଛନ୍ତି। ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ ପ୍ରଧାନଙ୍କୁ ପଚାରି ବୁଝିବାରୁ ଆଉ ଜଣେ କେହି ସେବା କେନ୍ଦ୍ର ପଞ୍ଚାୟତ ଠାରେ ଖୋଲିଛି ତେଣୁ ଆମେ ଘର ସୁବିଧା କରି ବୀରେନ୍ଦ୍ର ସାହୁଙ୍କୁ ଘର ଯୋଗାଇ ଦେବୁ ବୋଲି କହିଛନ୍ତି। ଅପରପକ୍ଷେ ସରକାର ନିୟମ ଅନୁଯାୟୀ ପଞ୍ଚାୟତରେ କେବଳ ଜଣକୁ ମୋ ସେବା କେନ୍ଦ୍ର ଖୋଲିବା ଅନୁମତି ରହିଛି ବ୍ରାହ୍ମଣୀଗାଁ ପଞ୍ଚାୟତ ପାଇଁ ବୀରେନ୍ଦ୍ର ସାହୁଙ୍କ ନାମ ରହିଛି। ତେଣୁ ବ୍ଲକ ପ୍ରଶାସନ ଏହାର ତଦନ୍ତ କରି ସାଧାରଣ ଜନତାଙ୍କୁ ଏହି ସୁବିଧା ଯୋଗାଇ ଦେବା ଉଚିତ ବୋଲି ମତ ପ୍ରକାଶ ପାଇଛି।

## ଛାତ୍ର ସଂସଦ ଅତିଥି ଭବନ କୋଠାର ପୁନଃନିର୍ମାଣ ହେବ

**ପାରଳାଖେମୁଣ୍ଡି,୩।୧(ସମିସ):** ସ୍ଥାନୀୟ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ପୁରାତନ ଛାତ୍ର ସଂସଦ ଅତିଥି ଭବନ କୋଠାର ପୁନର୍ନିର୍ମାଣ ପାଇଁ ବିଧାୟକ ଶୁଭ ଦେଇଛନ୍ତି। ପାରଳା ବିଧାୟକ କେ.ନାରାୟଣ ରାଓ ନିଜ ହାତ ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଓଡ଼ିଶାର ଦ୍ୱିତୀୟ ସର୍ବ ପୁରାତନ ଏହି କଲେଜରେ ପୁରାତନ ଛାତ୍ର ସଂସଦ ସଦସ୍ୟ ମାନଙ୍କ ପକ୍ଷରୁ ନିର୍ମିତ ନିଜସ୍ୱ ଏକ କୋଠା ରହିଛି ଯାହା ରାଜ୍ୟର ଅନ୍ୟ କଲେଜରେ ଦେଖିବାକୁ ମିଳେନାହିଁ। ତେଣୁ ଏହିପରି ଏକ ସ୍ୱତନ୍ତ୍ରତା ଥିବାରୁ ତଥା ନିଜେ ବିଧାୟକ ଏହି କଲେଜର ପୂରାତନ ଛାତ୍ର ହୋଇଥିବାରୁ ନିଜ ହାତ ପାଣ୍ଠିରୁ କୋଠାର ପୁନଃନିର୍ମାଣ ପାଇଁ ଟଙ୍କା ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ କଲେଜ ପକ୍ଷରୁ ଅଧ୍ୟକ୍ଷ ଡ. ଜିତେନ୍ଦ୍ର ପଟ୍ଟନାୟକ, ଅଧ୍ୟାପକ ରମାକାନ୍ତ ଭୂୟାଁ ଥିବାବେଳେ ପୁରାତନ ଛାତ୍ର ସଂସଦ ପକ୍ଷରୁ କାର୍ଯ୍ୟକାରୀ ସଭାପତି ନାସିର ବେଗ, ଉପସଭାପତି ଆଦର୍ଶ ଦାସ ଓ ଉପସଭାନେତ୍ରି ଆଶାଲତା ପାଣିଗ୍ରାହି, ବସନ୍ତ ପଣ୍ଡା, ଭାଗବତ ପାଢ଼ୀ, ସୁଶୀଲ ପାଣିଗ୍ରାହୀ, ନୃସିଂହ ଚରଣ ପଟ୍ଟନାୟକ, ହରି ମୋହନ ପଟ୍ଟନାୟକ ଓ ସ୍ଥାନୀୟ କାଉନସିଲର ଜ୍ୟୋତିର୍ମୟୀ ଦାସ ଓ ପୌର ପରିଷଦର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷା ସଚେତନତା



**ପାରଳାଖେମୁଣ୍ଡି,୩।୧(ସମିସ):** ସଡ଼କ ସୁରକ୍ଷା ସଚେତନତା ସପ୍ତାହ ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉପଖଣ୍ଡ ପୁଲିସ ଅଧିକାରୀ ମାଧବନନ୍ଦ ନାୟକ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ଆଞ୍ଚଳିକ ପରିବହନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବାହାରି ରାଜନହର ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ରିଜର୍ଭ ଇନ୍ସପେକ୍ଟର ସତ୍ୟକାନ୍ତ ମନୋରଞ୍ଜନ ଜେନା, ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଶାନ୍ତନୁ କୁମାର ପରିଡ଼ା, ତୁଷାର ହେମ୍ବ୍ରମଙ୍କ ସମେତ ବିଭାଗୀୟ କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ପୌରପରିଷଦ ପକ୍ଷରୁ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ପାରଳାଖେମୁଣ୍ଡି,୩।୧(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌରପରିଷଦ ପକ୍ଷରୁ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ଉତ୍ସବ ଗଜପତି ଷ୍ଟାଡିୟମ୍‌ରେ ଉଦଘାଟନ ହୋଇଯାଇଛି। ଉତ୍ସବକୁ ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉଦଘାଟନ କରିଥିବା ବେଳେ ସଭାପତିତ୍ୱ କରିଥିଲେ ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ଓ ସମ୍ମାନିତ ଅତିଥି ଭାବରେ ଗୌର ଚନ୍ଦୋ ଗମାଙ୍ଗ, ପ୍ରକଳ୍ପ ନିର୍ଦ୍ଦେଶକ,




ଜିଲ୍ଲା ସହରାଞ୍ଚଳ ବିକାଶ ସଂସ୍ଥା ଗଜପତି, ପୌରପରିଷଦ ଉପ-ଅଧ୍ୟକ୍ଷ ଲେଙ୍କା ମଧୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରାଣକୃଷ୍ଣ ପାଣିଗ୍ରାହୀ, ଡେପୁଟୀ କଲେକ୍ଟର ତ୍ରିନାଥ ସାହୁ ଓ ସୁଜିତ ତ୍ରିପାଠୀ, କାଉନସିଲର ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଯୁବ କ୍ରୀଡ଼ା ଉତ୍ସବ ତା ୩ ଜାନୁୟାରୀ ଠାରୁ ତା ୮ ଜାନୁୟାରୀ ପର୍ଯ୍ୟନ୍ତ ୬ ଦିନ ଧରି ଚାଲିବ ଏହି କ୍ରୀଡ଼ା ଉତ୍ସବରେ ପାରଳାଖେମୁଣ୍ଡି ପୌରପରିଷଦ ଅଞ୍ଚଳର ୧୩ ବର୍ଷରୁ ୩୫ ବର୍ଷ ବୟସର ନାମ ପଞ୍ଜୀକରଣ କରିଥିବା ସମସ୍ତ କ୍ରୀଡାବିତ୍ ଓ ଛାତ୍ରଛାତ୍ରୀ ମାନେ ଭାଗ ନେଇ ପାରିବେ। ସମସ୍ତ ପ୍ରତିଯୋଗିତାରେ ପୌର ପରିଷଦର ନାମ ପଞ୍ଜୀକରଣ କରିଥିବା ଖେଳାଳୀ ଅଂଶଗ୍ରହଣ କରିବେ। ଉତ୍ସବରେ ପୌରପରିଷଦ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ଡି.ଯୁଧିଷ୍ଠିର, ସଂଜିତ୍ ଚମ୍ପାତୀ, ବିଜୟ ପାଢ଼ୀ ସମେତ ପୌରପରିଷଦ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପୌରପରିଷଦର କାର୍ଯ୍ୟାଳୟର କର୍ମଚାରୀ ନକୁଳ ଚନ୍ଦ୍ର ବିଷୋୟୀ ଓ ଶାନ୍ତିଲତା ପୋଲେଇ ମଞ୍ଚ ପରିଚାଳନା କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ଟିକାବାଲି,୩।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଟିକାବାଲି ପଞ୍ଚାୟତ ଟିପାରି ଗାଁର ଶିକ୍ଷକ କାଶ୍ୟପ କୁମାର ଦିଗାଲଙ୍କ ସାନ ପୁଅ ଜାନୁ ଦିଗାଲଙ୍କ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ସ୍ୱର୍ଗତ ଜାନୁ ଫୁଲବାଣୀ ନବୋଦୟ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରୁ ଦଶମ ଯାଏଁ ପଢ଼ିବା ସହ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଭୁବନେଶ୍ୱରର ରାଜଧାନୀ କଲେଜରେ ଯୁକ୍ତ ୩ ସମାପ୍ତ ପରେ ବର୍ତ୍ତମାନ ସେଠାରେ ଏକ ଘରୋଇ ଅନୁଷ୍ଠାନରେ ବ୍ୟାଙ୍କିଂ କୋଚିଂ ନେଉଥିଲେ। ମଙ୍ଗଳବାର ଏକ ଅଜଣା ଗାଡ଼ି ଧକ୍କାରେ ସେ ଗୁରୁତର ହୋଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

## ବିଜୁ ଯୁବ ଜନତା ଦଳର ବନ୍ଧୁମିଳନ



**ଜି.ଉଦୟଗିରି,୩।୧(ସମିସ):** ନୂତନ ବର୍ଷ ଅବସରରେ ଜି. ଉଦୟଗିରି ବ୍ଲକ ଅନ୍ତର୍ଗତ ମାଳିକାପଡ଼ି ଓ ରଟିଙ୍ଗିଆ ପଞ୍ଚାୟତର ବିଜୁ ଯୁବ ଜନତା ଦଳର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପାଧ୍ୟକ୍ଷ ଏନ୍ ଲୁକ୍, ମାଳିକାପଡ଼ି ସମିତି ସଭ୍ୟ ସଚ୍ଚିଦାନନ୍ଦ ପ୍ରଧାନ, ନଗର ବିଜୁ ଜନତା ଦଳ ସଭାପତି ଗୋପାଳକୃଷ୍ଣ ମହାପାତ୍ର, ବ୍ଲକ କାର୍ଯ୍ୟକାରୀ ସଭାପତି ନାଏବ ସରପଞ୍ଚ ଚନ୍ଦ୍ରକାନ୍ତ ପ୍ରଧାନ, ମହାଦେବ ନାୟକ, କୁମାର ଗୁଡୁରାଜ, ଜିଲନ କୁମାର ନାୟକ, ପେଣ୍ଟର ନାୟକ, ଅମିତ୍ ବଚନ ନାୟକ, ଜେନିତ ନାୟକ, ଅଭିନାଶ ପ୍ରଧାନ, ମାର୍କନୀ ନାୟକ ପ୍ରମୁଖ ଉପସ୍ଥିତ ରହିଥିବାବେଳେ ଉଭୟ ପଞ୍ଚାୟତରୁ ୩୦୦ରୁ ଊଦ୍ଧର୍ ଯୁବ ବନ୍ଧୁ ଉପସ୍ଥିତ ଥିଲେ।

## ବ୍ଲକ୍‌ସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ

**ରାଇକିଆ,୩।୧(ସମିସ):** ରାଇକିଆ ସେଣ୍ଟ କ୍ୟାଥରିନ ଖେଳ ପଡ଼ିଆରେ ଦୁଇ ଦିନ ଧରି ଅନୁଷ୍ଠିତ ଜନଜାତି ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ଅତିଥି ଭାବେ ଓଡ଼ିଶା ବିଧାନସଭା ଉପ ବାଚସ୍ପତି ସାଲୁଗା ପ୍ରଧାନ ଯୋଗ ଦେଇଥିଲେ। ଜନଜାତି ସଂସ୍କୃତି ଓ ପରିଚୟକୁ ପ୍ରଚାର ଓ ପ୍ରସାର ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତ ଏବଂ ବିଦ୍ୟାଳୟରୁ ଆସିଥିବା ବିଭିନ୍ନ ଗ୍ରୁପ୍‌ଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା। ପୂର୍ବରୁ ଜନଜାତି ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଞ୍ଚଳ ମଣ୍ଡଳ, ବ୍ଲକ୍ ସ୍ୱତନ୍ତ୍ର ବିକାଶ ପରିଷଦ



ସଦସ୍ୟ ଭୂଷଣ ପ୍ରଧାନ, ରାଇକିଆ ସରପଞ୍ଚ ଗୀତାଞ୍ଜଳୀ ନାୟକ, ବେରେଡାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ, କୁଇ ସମାଜ ଅଧ୍ୟକ୍ଷ ଭାସ୍କର ପ୍ରଧାନ, ସାଂସଦ ପ୍ରତିନିଧି ସୁଧାଂଶୁ ପାଣଗ୍ରାହୀ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଜୁଲିମା ଦଳବେହେରା, ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲ୍ଲୀପ କହଁର, ଜି.ଉଦୟଗିରି ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଉପାଧ୍ୟକ୍ଷ ଲୁକ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମଙ୍ଗଳବାର ଉଦଘାଟନୀ କାର୍ଯ୍ୟକ୍ରମ ରେ ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ରୋଦନ ମଲିକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲିକ ଯୋଗ ଦେଇ ଉଦଘାଟନ କରିଥିଲେ। ରାଇକିଆ ବ୍ଲକ୍ ପ୍ରଶାସନ ତରଫରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବ୍ଲକ୍ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଉର୍ମିଳା ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ତ୍ରିଲୋଚନ ପଣ୍ଡା ଏବଂ ସୁଧୀର କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ।

## ସ୍କିଲ୍ ଡେଭଲପ୍‌ମେଣ୍ଟ୍ ତାଲିମ ଶିବିର

**ରାୟଗଡ଼,୩।୧(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧିନ ସଗାଁ ଠାରେ ମା'ରାମଚଣ୍ଡି ଫାଉଣ୍ଡେସନ ଏବଂ ଇଡିଆଇଆଇ ମିଳିତ ଆନୁକୂଲ୍ୟରେ ୨୬ ଦିନ ଧରି ଚାଲିଥିବା ବାନାନା ଫେବର ପ୍ରସ୍ତୁତର ମାଇକ୍ରୋ ସ୍କିଲ ଡେଭଲପମେଣ୍ଟ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ୍ ଯୋଗ ଦେଇ ୫୦ରୁ ଅଧିକ ମହିଳାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପିଏ ଆଇଟିଡିଏ ଫାଲଗୁନି ମାଝି ମହିଳା ମାନଙ୍କୁ ବିଭିନ୍ନ ଉପାୟରେ କଦଳି ଗଛର ବ୍ୟବହାରକୁ ଗୁରୁତ୍ୱ ଦେବାକୁ ଉପଦେଶ ଦେଇଥିଲେ। ଜିଏମ୍ ଡିଆଇସି ସୁନାରାମ ସିଂ ଏହି ଜିଲ୍ଲାରେ ଥିବା ସମ୍ପଦକୁ କିପରି ବିନିଯୋଗ କରି ଶିଳ୍ପରେ ପରିଣତ କରାଇବା ଉପଦେଶ ଦେଇଥିଲେ ନାବାର୍ଡ ଅଧିକାରୀ ପ୍ରତୀକ ପଣ୍ଡା, ବ୍ଲକ ଅଧ୍ୟକ୍ଷା ପୂର୍ନବାସି ନାୟକ, ସାଂସଦ ପ୍ରତିନିଧି ଅର୍ନ୍ତଯ୍ୟାମି ଗମାଙ୍ଗ, ରାମଚଣ୍ଡି ଫାଉଣ୍ଡେସନ




ଅଧ୍ୟକ୍ଷ ରବୀନ୍ଦ୍ର ଗୌଡ଼, ଡମ୍ବାଳ ସରପଞ୍ଚ ବିଶ୍ୱନାଥ ଭୁୟାଁ, ତାଳମଣ୍ଡା ସରପଞ୍ଚ ପଦ୍ମାବତି ଭୂୟାଁ, ଇଡିଆଇଆଇର ସଂଯୋଜକ ସାଇକାଟ ସୂତ୍ରଧର, ମା' ରାମଚଣ୍ଡି ଫାଉଣ୍ଡେସନ ଜିଲ୍ଲା ସଂଯୋଜକ ସୁଶାନ୍ତ ଗମାଙ୍ଗ, ସମ୍ପାଦକ ଅନୀଲ ମହାପାତ୍ର, ପ୍ରଶିକ୍ଷକ ନାରାୟଣ ସାହୁ, ବିଜୟ କୁମାର ସେଠୀ, ଦୁଷ୍ମନ୍ତ କୁମାର ତାଡା ପ୍ରମୁଖ ଉପସ୍ଥିତ ଥିଲେ।

## ୬୫ ଏକର ଜମିରେ ଗଞ୍ଜେଇ ଗଛ ନଷ୍ଟ

**ଫିରିଙ୍ଗିଆ, ୩।୧(ସମିସ)**



ଫିରିଙ୍ଗିଆ ପୁଲିସ ମଙ୍ଗଳବାର ନୂଆପଦର ପଞ୍ଚାୟତର ରବିଙ୍ଗିଆ, ଜାରାପାଙ୍ଗା ଓ ନୂଆପାଦର ଗାଁ ନିକଟରେ ଥିବା ଜଙ୍ଗଲରେ ଚଢ଼ାଉ କରି ପ୍ରାୟ ୬୫ ଏକର ଜଙ୍ଗଲ ଜମିରେ ବେଆଇନ ଭାବରେ ଚାଷ ହୋଇଥିବା ଗଞ୍ଜେଇ ଗଛ ଗୁଡିକୁ କାଟି ନଷ୍ଟ କରିଥିଲା। ଏହାର ଆନୁମାନିକ ମୂଲ୍ୟ ୫ କୋଟି ୫୦ ଲକ୍ଷ ହେବ ବୋଲି ପୁଲିସ କହିଛି। ଏନ୍ୟପଟେ ଏହି ଗଞ୍ଜେଇ କଟାକୁ ନେଇ ଫିରିଙ୍ଗିଆ ଥାନାରେ ୩/୨୪ ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଏହି ଅଭିଯାନରେ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏସଆଇ ବିକାଶ କୁମାର ଜାଲି, ଏଏସଆଇ ଶ୍ରୀକାନ୍ତ ପାତ୍ର, ପ୍ରମୋଦ କୁମାର ପ୍ରଧାନ, ଏଏସଆଇ ପ୍ରିୟରଞ୍ଜନ ନାଏକଙ୍କ ସହ ଥାନାରେ ସମସ୍ତ ହୋମଗାର୍ଡ, ଆଇଆରବି ଯବାନ ଓ ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ଅଭିନାଶ ମିଶ୍ର ସାମିଲ ହୋଇଥିଲେ। ଅନ୍ୟପଟେ ଫିରିଙ୍ଗିଆ ପୁଲିସ ଓ ଅବକାରୀ ବିଭାଗ ଦୀର୍ଘ ୧୪ ଦିନ ଧରି କୋଟିକୋଟି ଟଙ୍କାର ଚାଷ ହୋଇଥିବା ଗଞ୍ଜେଇ ଗଛ ଗୁଡିକୁ କାଟି ନଷ୍ଟ କରିଚାଲିଥିଲେ ବି ଏହି ଅଞ୍ଚଳରେ ଏତେ ପରିମାଣରେ ଚାଷ ହୋଇଛି ଯେ ଯେତେ କାଟିଲେ ବି ଏହି ଗଞ୍ଜେଇ ଗଛକଟା ସାରିପାରୁନାହିଁ ଓ ଯାହା ପାଇଁ ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ମାନଙ୍କୁ ନାକେଦମ ହେବାକୁ ପଡୁଛି।

